بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 8

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

22 ଫେବୃଆରୀ 2018   22 ତବ୍‌ଲିଗ୍ 1397 ହି.ଶ   05 ଜମାଦିସ୍ ସାନି 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

କୁଲୁ ୱଶ୍‌ରବୁ ମିର୍
ରିଜ୍‌କିଲ୍‌ଲାଃହି ୱ ଲା ତାସଓ
ଫିଲ୍ ଅର୍‌ଜି ମୁଫ୍‌ସିଦୀନ୍

(ସୁରା ବକ୍‌ରା : ୬୧)

**ଅନୁବାଦ:-** ଅଲ୍ଲାଃଙ୍କ ପ୍ରଦତ ଦ୍ରବ୍ୟକୁ ଖାଅ ଓ ପିଅ ଏବଂ ବିଶୃଙ୍ଖଳା ସୃଷ୍ଟିକାରୀ ହୋଇ ପୃଥିବୀରେ ବିପର୍ଯ୍ୟୟ ସୃଷ୍ଟି କରନାହିଁ ।

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମୁଁ ପୁର୍ଣ୍ଣ ବିଶ୍ୱାସର ସହିତ କହୁଅଛି ଯେ ଖୁଦାତାଲାଙ୍କ କରୁଣା ଓ ଅନୁଗ୍ରହରୁ ସେହି ଇମାମୁଜ୍ ଜମାଁ (ଏ ଯୁଗର ଇମାମ୍) ହେଉଛି ମୁଁ । ଯାହାଙ୍କ ଆଜ୍ଞାବହତା ସ୍ୱୀକାର କରିବା ନିମନ୍ତେ ଅଲ୍ଲାଃତାଲା ସମସ୍ତ ମୁସଲମାନଙ୍କ ନିମନ୍ତେ ଧାର୍ଯ୍ୟ କରିଛନ୍ତି । ମୁଁ ଆଧ୍ୟାତ୍ମିକତା ଦୃଷ୍ଟିରୁ କସ୍‌ରେ ସଲିବ୍ (କୃଶ ଭଙ୍ଗ କରିବା) ନିମନ୍ତେ ଓ ବିଭେଦକୁ ଦୂର କରିବା ପାଇଁ ପ୍ରେରଣ ହୋଇଅଛି ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

ଏ ଯୁଗର ଇମାମୁଜ୍ ଜମାଁ କିଏ ଯାହାଙ୍କ ଅନୁସରଣ ପ୍ରତ୍ୟେକ ସାଧାରଣ ମୁସଲ୍‌ମାନ୍ ଓ ସଂଜମୀ ମୁସଲ୍‌ମାନ୍ ଓ ସୁସ୍ୱପ୍ନ ଦେଖୁଥିବା ମୁସଲ୍‌ମାନ୍ ଓ ଐଶିବାଣୀ ପ୍ରାପ୍ତ କରୁଥିବା ମୁସଲ୍‌ମାନମାନଙ୍କୁ କରିବା ପାଇଁ ଖୁଦାତାଲାଙ୍କ ତରଫରୁ ଧାର୍ଯ୍ୟ କରାଯାଇଛି । ତେଣୁ ମୁଁ ବର୍ତମାନ ଦୃଢ଼ତାର ସହିତ କହୁଅଛି ଯେ ଖୁଦାତାଲାଙ୍କ କରୁଣା ଓ ଅନୁଗ୍ରହରୁ ସେହି ଇମାମୁଜ୍ ଜମାଁ (ଯୁଗର ଇମାମ୍) ହେଉଛି ମୁଁ । ଏବେ ମୋ ଭିତରେ ଖୁଦାତାଲା ସେହିସବୁ ଲକ୍ଷଣ ଓ ସମସ୍ତ ସର୍ତକୁ ଏକାଠି କରିଛନ୍ତି ଓ ଏ ଶତାବ୍ଦୀର ଆରମ୍ଭରେ ମୋତେ ପ୍ରେରଣ କରିଛନ୍ତି, ଯେଉଁଥିରୁ ପନ୍ଦର ବର୍ଷ ବିତି ମଧ୍ୟ ଗଲାଣି । ଏବଂ ଏପରି ସମୟରେ ମୁଁ ପ୍ରକଟ ହୋଇଛି ଯେ ଯେତେବେଳେ ଇସ୍‌ଲାମୀୟ ବିଶ୍ୱାସ ଗୁଡିକରେ ବିଭେଦ ଭରିଯାଇଥିଲା ଏବଂ କୌଣସି ବିଶ୍ୱାସ ମଧ୍ୟ ବିଭେଦରୁ ଖାଲି ନଥିଲା । ସେହିପରି ମସିହ୍ ଆ:ସଙ୍କ ଅବତୀର୍ଣ୍ଣ ହେବା ସମ୍ବନ୍ଧରେ ଅତ୍ୟନ୍ତ ଭୁଲ୍ ଭାବନା ବ୍ୟାପିଯାଇଥିଲା । ଏବଂ ଏହି ବିଶ୍ୱାସ ଗୁଡିକରେ ମଧ୍ୟ ବିଭିନ୍ନତାର ଅବସ୍ଥା ଏହା ଥିଲା ଯେ କିଏ ହଜ୍‌ରତ୍ ଇସାଙ୍କୁ ଜିବୀତ ବୋଲି ଭାବୁଥିଲା ଏବଂ ଆଉ କିଏ ମୃତ ବୋଲି ବିବେଚନା କରୁଥିଲା ଏବଂ ଆଉ କିଏ ସଶରୀରେ ଅବତୀର୍ଣ୍ଣ ହେବେବୋଲି ମନେ କରୁଥିଲା । ଏବଂ ଆଉ କିଏ ବରୋଜି ରୂପେ ଅବତୀର୍ଣ୍ଣ ହେବେ ବୋଲି ବିଶ୍ୱାସ ରଖିଥିଲା । (ସେହିପରି) ଆଉ କିଏ ଦମଶ୍‌କିରେ ତାଙ୍କୁ ଓହ୍ଲାଇ ଦେଉଥିଲା ତ ଆଉ କିଏ ମକ୍କାରେ ଓ କିଏ ବଇତୁଲ୍ ମୁକଦସ୍‌ଠାରେ ଏବଂ କିଏ ଇସ୍‌ଲାମୀ ସେନା ଭିତରେ ଏବଂ କିଏ ଏପରି ଭାବୁଥିଲା ଯେ ସେ ହିନ୍ଦୁସ୍ତାନ୍‌ରେ ଅବତୀର୍ଣ୍ଣ ହେବେ ବୋଲି । ତେଣୁ ଏହି ସମସ୍ତ ପ୍ରକାରର ଭିନ୍ନ ଭିନ୍ନ ରାୟ ଓ ଭିନ୍ନ ଭିନ୍ନ କଥା ଜଣେ ନିଷ୍ପତି କରିବା ବାଲା **ହକମ୍**‌କୁ ଚାହୁଁଥିଲା । ସୁତରାଂ ସେହି ହକମ୍ (ନିଷ୍ପତି କରିବା ବାଲା) ହେଉଛି ମୁଁ । ମୁଁ ଆଧ୍ୟାତ୍ମିକତା ଦୃଷ୍ଟିରୁ କସ୍‌ରେ ସଲିବ୍ (କୃଶଭଙ୍ଗ କରିବା) ନିମନ୍ତେ ଓ ବିଭେଦକୁ ଦୂର କରିବା ନିମନ୍ତେ ପ୍ରେରଣ ହୋଇଅଛି ।

(ଜରୁରତୁଲ୍ ଇମାମ୍, ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୪୯୫)

### ୧୨୩ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୬ ତମ ବର୍ଷ)

### ଯମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୩ତମ ଜଲ୍‌ସାସାଲାନାର ସଫଳ ଓ ବାବର୍‌କତ୍ ଆୟୋଜନ

ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ମାଧ୍ୟମରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ ଆଧ୍ୟାତ୍ମିକତାର ପରିପୁର୍ଣ୍ଣ ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଉଦ୍‌ଯାପନି ଅଭିଭାଷଣ

●୪୪ ଟି ଦେଶରୁ ପ୍ରତିନିଧିତ୍ୱ, ୨୦୦୪୮ ଜଣ ଅହେମଦୀଙ୍କ ଜଲ୍‌ସାରେ ଯୋଗଦାନ

●ହଜୁର୍ ଅନୁୱର୍‌ଙ୍କ ଉଦ୍‌ଯାପନୀ ଭାଷଣ ଅବସରରେ ଲଣ୍ଡନ୍‌ଠାରେ ୫୩୦୦ ଅହେମଦୀଙ୍କ ଯୋଗଦାନ

●ତହଜୁଦ୍ ନମାଜ ପାଠ●ଦରସୁଲ୍ କୁରୁଆନ୍ ଓ ଜିକ୍‌ରେ ଏଲାହି (ଅଲ୍ଲାଃଙ୍କ ସ୍ମରଣ) ରେ ପରିପୁର୍ଣ୍ଣ ପରିବେଶ●ୱଲେମାଙ୍କ ସାରଗର୍ଭିକ ଭାଷଣ●ଜଲ୍‌ସା ପେଶ୍‌ୱାୟାନେ ମଜହବ (ସର୍ବଧର୍ମ ସମ୍ମିଳନୀ) ର ଆୟୋଜନ● ଅତିଥିମାନଙ୍କ ପରିଚୟ ପ୍ରଦାନ ଭାଷଣ●ଦେଶୀୟ ଓ ଅଣଦେଶୀୟ ଭାଷାରେ ଅନୁବାଦ●ଯମାତର ଲୋକମାନଙ୍କ ଜ୍ଞାନରେ ଅଭିବୃଦ୍ଧି ପାଇଁ ତର୍‌ବିୟତି କାର୍ଯ୍ୟକ୍ରମ ଉପରେ ଆଧାରିତ ଡକ୍ୟୁମେଂଟାରୁ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀଗୁଡିକର ଆୟୋଜନ ●୩୨ଟି ନିକାହ୍ (ବିବାହ) ର ଘୋଷଣା ପ୍ରିଂଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡିଆରେ ଜଲ୍‌ସାର କଭ୍‌ରେଜ୍ ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ବାତାବରଣରେ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ସମ୍ପନ୍ନ●୨୦-୨୨ ଡିସେମ୍ବର ଆରବୀ ପ୍ରୋଗ୍ରାମ୍ ''ଇସ୍‌ମଉ ସଉତସ୍ ସମାଆ ଯାଅଲ୍ ମସିହ୍ ଯାଅଲ୍ ମସିହ୍'' ର ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ସିଧା ପ୍ରସାରଣ ●୩-୫ ଜାନୀଆରୀ The Messiah of the Age ବିଷୟରେ ଆଫ୍ରିକା ନିମନ୍ତେ ସିଧାପ୍ରସାରଣ ।

### (ଚତୁର୍ଥ ଶେଷ ଭାଗ)

### ତୃତୀୟ ଦିନ-ଉଦ୍‌ଯାପନୀ ଇଜ୍‌ଲାସ୍

ଜଲ୍‌ସା ସାଲାନା କାଦିଆନ୍‌ର ଉଦ୍‌ଯାପନୀ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ମୋକରମ୍ ଶିରାଜ୍ ଅହେମଦ୍ ସାହେବ୍ ଏଡ଼ିଶିନାଲ୍ ନାଜିରେ ଆଲା ସଦର ଅଞ୍ଜୁମନ୍ ଅହେମଦୀୟା ଦକ୍ଷିଣ ଭାରତଙ୍କ ସଭାପତିତ୍ୱରେ ଆରମ୍ଭ ହେଲା । ମୋକରମ୍ ହାଫିଜ୍ ମୁହମ୍ମଦ୍ ଫାରୁକ୍ ଆଜମ୍ ସାହେବ ସୁରା ହାମିମ୍ ସଜ୍‌ଦାଃର ଆୟତ: ୩୧-୩୬ ତିଲାୱତ୍ କଲେ । ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ସୟଦ୍ କଲିମୁଦ୍ଦିନ୍ ଅହେମଦ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ତଫ୍‌ସିର୍ ସଗିର୍ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ରୁ ଉପସ୍ଥାପନ କଲେ । ମୋକରମ୍ ଖାଲିଦ୍ ୱଲିଦ୍ ଅହେମଦ୍ ସାହେବ୍ ମୁରବୀ ସିଲ୍‌ସିଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ କଲାମ୍ -

ୱହ୍ ପେଶ୍‌ୱା ହମାରା
ଜିସ୍‌ସେ ହୈ ନୁରେ ସାରା
ନାମ୍ ଉସ୍‌କା ହୈ ମୁହମ୍ମଦ୍
ଦିଲ୍‌ବର୍ ମେରା ୟେହି ହୈ

ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ । ଏହାପରେ ମୋକରମ୍ ମୌଲାନା ମୁହମ୍ମଦ୍ ଇନାମ୍ ଘୋରୀ ସାହେବ ନାଜିରେ ଆଲା ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ସରକାରଙ୍କ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କଲେ, ଯେଉଁମାନେ ଏ ଜଲ୍‌ସାର ଆୟୋଜନ ନିମନ୍ତେ ପ୍ରତ୍ୟେକ ପ୍ରକାରର ସହଯୋଗ କରିଥିଲେ । ସର୍ବପ୍ରଥମେ ସେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କଲେ ଯେ ଯାହାଙ୍କ କରୁଣା ଓ ଅନୁଗ୍ରହରୁ ଏ ଜଲ୍‌ସା ପ୍ରତ୍ୟେକ କ୍ଷେତ୍ରରୁ ସଫଳତାର ସହିତ ପରିସମାପ୍ତି ହେଉଅଛି । ସେହିପରି ସେ ହଜୁର୍ ଅନୁୱର୍ ଅ:ବ:ଅଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କଲେ ଯେ ହଜୁର୍ ଅନୁୱର୍‌ଙ୍କ ନିୟମିତ ମାର୍ଗଦର୍ଶନ ଓ ସ୍ନେହ ଆମ ସହିତ ସର୍ବଦା ରହିଆସିଛି । ଏହାପରେ ସେ ଅନେକ କେନ୍ଦ୍ରୀୟ ଓ ପ୍ରାଦେଶିକ ବିଭାଗ ଓ ସେମାନଙ୍କର ଅଫିସର୍‌ମାନଙ୍କୁ ସାହାଯ୍ୟ ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଲେ । ଏହାପରେ ଇଜ୍‌ଲାସ୍‌ର

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଆମର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ଦୀନି (ଧାର୍ମିକ) ଜ୍ଞାନକୁ ବଢ଼ାଇବା ଓ ତକ୍ୱା (ଧର୍ମପରାୟଣତା) ରେ ଉନ୍ନତି କରିବା । ନିଜ ଇମାନ୍‌ର ବାସ୍ତବିକତାକୁ ଚିହ୍ନନ୍ତୁ ଓ ଅଲ୍ଲାଃଙ୍କ ପ୍ରାପ୍ୟ ଓ ଭକ୍ତଙ୍କର ପ୍ରାପ୍ୟ ପ୍ରଦାନ କରିବା ନିମନ୍ତେ ଅଲ୍ଲାଃଙ୍କ ସୁନ୍ଦର ଶିକ୍ଷାଗୁଡିକ ଉପରେ ଭରପୁର୍ ଅମଲ କରିବା ପାଇଁ ଚେଷ୍ଟା କରିବା ।**

**ଆପଣମାନେ ଏ ଜଲ୍‌ସାରେ ଏ ନିୟତ୍ ରଖି ସାମିଲ୍ ହୁଅନ୍ତୁ କି ନା କେବଳ ଇସ୍‌ଲାମେ ଅହେମଦୀୟତ୍ ବିଷୟରେ ନିଜର ଜ୍ଞାନକୁ ବଢ଼ାଇବେ ବରଂ ଏଗୁଡିକୁ ନିଜ ଜୀବନରେ ପ୍ରୟୋଗ କରି ଅମଲ ମଧ୍ୟ କରିବେ ।**

**ଜଲ୍‌ସା ସାଲାନା ଫିଜି ୨୩-୨୪ ଡିସେମ୍ବର୍ ୨୦୧୭ ଅବସରରେ ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅଃବଃଅଙ୍କ ବିଶେଷ ବାର୍ତା ।**

ବିସ୍‌ମିଲ୍ଲାଃ ହିର୍‌ରହ୍‌ମା ନିର୍‌ରହିମ୍

ନହ୍‌ମଦୁହୁ ୱ ନୁସଲ୍ଲି ଆଲା ରସୁଲିହିଲ୍ କରିମ୍ ୱ ଆଲା ଅବ୍‌ଦିହିଲ୍ ମସିହିଲ୍ ମଉଦ୍

ଖୁଦାକେ ଫଜଲ୍ ଅଓର୍ ରହମ୍ କେ ସାଥ୍ ହୁୱ୍‌ନ୍ ନାସିର୍

ପ୍ରୀୟ ଯମାତ୍ ଅହେମଦୀୟା ମୁସ୍‌ଲିମ୍ ଫିଜିର ସଦସ୍ୟଗଣ

ଅସ୍‌ସଲାମୋ ଆଲେକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ

ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ନିଜର ୪୭ତମ ଜଲ୍‌ସାସାଲାନା ୨୩ ଓ ୨୪ ଡିସେମ୍ବରକୁ ପାଳନ କରୁଛନ୍ତି । ମୋର ଏ ପ୍ରାର୍ଥନା ଯେ ଅଲ୍ଲାଃତାଲା ଆପଣମାନଙ୍କ ଜଲ୍‌ସାକୁ ବାବରକତ୍ ଓ ସଫଳ କରନ୍ତୁ । ଏବଂ ସମସ୍ତ ଲୋକେ ଯେଉଁମାନେ ଏହି ଆଧ୍ୟାତ୍ମିକ ଜଲ୍‌ସାରେ ସାମିଲ୍ ହେଉଅଛନ୍ତି ସେମାନଙ୍କୁ ଅଧିକରୁ ଅଧିକ ଆଧ୍ୟାତ୍ମିକ ଲାଭ ଓ ଅଗଣିତ ବରକାତ୍ ପ୍ରାପ୍ତ ହେଉ ।

ପ୍ରତ୍ୟେକ ଅହେମଦୀ ଏହା ଜାଣିଛନ୍ତି ଯେ ଆମର ଜଲ୍‌ସା ସାଲାନା, ତାହା ଯେଉଁଠାରେ ମଧ୍ୟ ହେଉ ଓ ଯେଉଁ ଦେଶରେ ମଧ୍ୟ ଅନୁଷ୍ଠିତ ହେଉଛି, ଯେଉଁଥିପାଇଁ ଆପଣମାନେ ମଧ୍ୟ ପୁଣି ଥରେ ଫିଜି ଦେଶରେ ଏକାଠି ହୋଇଛନ୍ତି, ଏହି ଜଲ୍‌ସା ସାଂସାରିକ ମନୋରଞ୍ଜନ ଓ ଖେଳକୁଦ ପାଇଁ ଉଦ୍ଦିଷ୍ଟ ନୁହେଁ । ବରଂ ଆମ ସମସ୍ତଙ୍କର ଏକାଠି ହେବା ଓ ଜଲ୍‌ସାର ଉଦ୍ଦେଶ୍ୟ ହେଉଛି ଆଧ୍ୟାତ୍ମିକ ପରିବେଶ, ଯେଉଁଥିରୁ ଆମକୁ ଲାଭ ଉଠାଇବାକୁ ହେବ । ଫଳତଃ ଆମେ ନିଜର ଚରିତ୍ରକୁ ସୁଧାରିପାରିବା । ଆମର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ଦୀନି ଇଲମ୍‌କୁ ବଢ଼ାଇବା ଓ ତକ୍ୱାରେ ଉନ୍ନତି କରିବା । ଆମେ ଇସ୍‌ଲାମେ ଅହେମଦୀୟତ୍‌ର ଏହି ସୁନ୍ଦର ଶିକ୍ଷା ଉପରେ ପୂର୍ବଠାରୁ ବଳି ଅଧିକ ଜାଣିପାରିବା, ଯାହାକୁ ମାନିବାର ଦାବି ଆମେ କରୁଅଛେ ଏବଂ ଯାହାକୁ ଗ୍ରହଣ କରି ଆମେ ବୟତ୍ କରିଅଛେ । ଏବଂ ନିଜର ଇମାନ୍‌ର ବାସ୍ତବିକତାକୁ ଚିହ୍ନନ୍ତୁ ଓ ହୁକୁକୁଲ୍ଲାଃ (ଅଲ୍ଲାଃଙ୍କର ପ୍ରାପ୍ୟ) ଏବଂ ହୁକୁକୁଲ୍ ଇବାଦ୍ (ଭକ୍ତଙ୍କର ପ୍ରାପ୍ୟ) ବିଷୟରେ ଏହାର ସୁନ୍ଦର ଶିକ୍ଷା ଉପରେ ଭରପୁର୍ ଅମଲ କରିବା ପାଇଁ ଚେଷ୍ଟା କରିବା ।

ଆପଣମାନେ ଏହି ଜଲ୍‌ସାରେ ଜମାତ୍‌ର ବକ୍ତାମାନଙ୍କର ବକ୍ତବ୍ୟ ଗୁଡିକୁ ଅତ୍ୟନ୍ତ ଧ୍ୟାନର ସହିତ ଶୁଣନ୍ତୁ । ଏହା ମନେରଖ ଯେ ବକ୍ତାମାନେ ବହୁତ ପରିଶ୍ରମ ଓ ବହୁତ ଚେଷ୍ଟା କରି ସେମାନଙ୍କର ବକ୍ତବ୍ୟ ଗୁଡିକ ପ୍ରସ୍ତୁତ କରିଛନ୍ତି । ସେଥିଯୋଗୁ ସେଗୁଡିକ ଗଭୀର ରୂପେ ମନଧ୍ୟାନ ଦେଇ ଶୁଣିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଖୁଦାତାଲାଙ୍କର ଆମ ଉପରେ ବହୁତ କୃପା ଅଟେ ଯେ ଆମ ବକ୍ତାମାନଙ୍କର ଗବେଷଣାର ମୂଳ ଉତ୍ସ ପବିତ୍ର କୋରାନ୍, ସୁନ୍ନତ୍ ଏବଂ ଆହାଦିସ୍ ରସୁଲୁଲ୍ଲାଃ ସଃଆଃସ ଓ ହଜରତ୍ ମସିହ୍ ମଉଦ୍ ଆଃସଙ୍କ ସାରଗର୍ଭକ ଉପଦେଶାବଳୀ ଗୁଡିକ ଉପରେ ପର୍ଯ୍ୟବେଶିତ । ହିକ୍‌ମତ୍ (ସାରଗର୍ଭକ) ଏବଂ ବୁଦ୍ଧିମତାର କଥା ସେମାନେ ଆମ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ସେ ଯାହା ହେଉ ଆପଣମାନେ ଜଲ୍‌ସାରେ ଏ ନିୟତ ରଖି ସାମିଲ୍ ହେବେ ଯେ ନା କେବଳ ଆପଣମାନେ ଇସ୍‌ଲାମେ ଅହେମଦୀୟତ୍ ବିଷୟରେ ନିଜର ଜ୍ଞାନକୁ ବଢ଼ାଇବେ ବରଂ ଏହା ଉପରେ ଅମଲ କରି ନିଜ ଜୀବନରେ ଏଗୁଡିକୁ ପ୍ରୟୋଗ ମଧ୍ୟ କରିବେ । ଯଦି ଆପଣମାନେ ଇସ୍‌ଲାମ୍‌ର ଶିକ୍ଷା ଗୁଡିକ ଉପରେ ନିଷ୍ଠା ଓ ସମ୍ପୂର୍ଣ୍ଣ ଚେଷ୍ଟା ସହିତ ଜ୍ଞାନ ଆହରଣ କରିବେ ତେବେ ନିଶ୍ଚିତ ରୂପେ ଆପଣମାନେ ନିଜ ଜୀବନରେ ଏକ ଅସାଧାରଣ ବିପ୍ଳବ ସୃଷ୍ଟି କରିପାରିବେ ।

ସବୁବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆଃସଙ୍କ ସହିତ କରିଥିବା ପ୍ରତିଶ୍ରୁତି ଓ ବୟତ୍‌କୁ ମନେରଖନ୍ତୁ । ଏବଂ ନିଜ ଜୀବନକୁ ଶରାୟତେ ବୟତ୍ (ବୟତର ସର୍ତାବଳୀ) ମୁତାବକ ପରିଚାଳିତ କରିବା ପାଇଁ ଚେଷ୍ଟା କରନ୍ତୁ । ଜଣେ ଦାୟିତ୍ୱବାନ୍ ଅହେମଦୀ ମୁସଲମାନ୍ ରୂପେ ପ୍ରତ୍ୟେକ ମାମଲାରେ ସୁନ୍ଦର ଉଦାହରଣ ଦେଖାନ୍ତୁ । ଏବଂ ବିଶେଷ ରୂପେ ନମ୍ର ସ୍ୱଭାବ ପ୍ରଦର୍ଶନ କରନ୍ତୁ । ଅନ୍ୟମାନଙ୍କର ଭାବନାକୁ ସମ୍ମାନ ଦିଅନ୍ତୁ ଓ ସମସ୍ତଙ୍କର ଧ୍ୟାନ ରଖନ୍ତୁ । ଏତଦ୍‌ବ୍ୟତୀତ ଆପଣମାନେ ଯେକୌଣସି ଦେଶରେ ମଧ୍ୟ ରୁହନ୍ତୁ, ସେ ଦେଶ ସହିତ ଦେଶପ୍ରେମର ଉତମ ନମୁନା ପ୍ରଦର୍ଶନ କରନ୍ତୁ । ନିଜ ଦେଶ ସହିତ ପ୍ରେମ ପ୍ରଦର୍ଶନ କରନ୍ତୁ । ଏହା ଏଥିଯୋଗୁ ଯେ ଆମେ ନବୀ କରିମ ସଃଆଃସଙ୍କ ମୂଳ ଶିକ୍ଷା ଏହା ଯେ ନିଜ ଦେଶ ସହିତ ପ୍ରେମ କରିବା ହେଉଛି ଇମାନ୍‌ର ଏକ ଅଭିନ୍ନ ଅଂଶ ।

ଏହା ପ୍ରତ୍ୟେକ ଅହେମଦୀ ମୁସଲମାନ୍ ମାନଙ୍କର ମୂଳ ଦାୟିତ୍ୱ ଅଟେ ଯେ ସେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ସଂସାରର କୋଣ ଅନୁକୋଣରେ ପହଂଚାଇବେ । ମୁଁ ଆପଣମାନଙ୍କୁ ତବ୍‌ଲିଗ୍ କରିବା ବିଷୟରେ ମଧ୍ୟ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ଯେ ପ୍ରତ୍ୟେକ ଅହେମଦୀ ନିମନ୍ତେ ଏହା ଜରୁରୀ ଅଟେ ଯେ ସେମାନେ ତବ୍‌ଲିଗ୍‌ର ନୂଆ ନୂଆ ରାସ୍ତା ଏବଂ ସ୍ଥାନ ସନ୍ଧାନ କରନ୍ତୁ । ଯଦ୍ୱାରା ଆପଣମାନେ ନିଜ ଇଲାକାରେ ସବୁ ଲୋକ ପର୍ଯ୍ୟନ୍ତ ଅହେମଦୀୟତ୍‌ର ବାର୍ତା ପହଂଚାଇପାରିବେ ।

ଅଲ୍ଲାଃତାଲାଙ୍କର ଏହା ଅଶେଷ କୃପା ଯେ ସେ ଯମାତ୍ ଅହେମଦୀୟାକୁ ଖିଲାଫତ୍ ପରି ନେମତ୍ (ପୁରସ୍କାର) ପ୍ରଦାନ କରିଛନ୍ତି । ତେଣୁ ଏବେ ଯମାତ୍‌ର ଉନ୍ନତି ବାସ୍ତବିକ୍ ରୂପେ ଇସ୍‌ଲାମ୍‌କୁ ଜୀବିତ କରିବା ଓ ସମଗ୍ର ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ଇତ୍ୟାଦି ସବୁକିଛି ଏବେ ଖିଲାଫତ୍ ସହିତ ସଲଗ୍ନ । ତେଣୁ ମୁଁ ଫିଜିର ସମସ୍ତ ଲୋକମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ସେମାନେ ସର୍ବଦା ଖିଲାଫତେ ଅହେମଦୀୟା ସହିତ ଯୋଡ଼ି ହୋଇ ରୁହନ୍ତୁ ଏବଂ ତା ସହିତ ପ୍ରେମର ନମୁନା ଦେଖାନ୍ତୁ । ନିୟମିତ ରୂପେ ଏମ୍.ଟି.ଏ ନିଜେ ମଧ୍ୟ ଦେଖନ୍ତୁ ଓ ନିଜ ଫ୍ୟାମିଲିର ମେମ୍ବରମାନଙ୍କୁ ମଧ୍ୟ ଦେଖାନ୍ତୁ । ବିଶେଷ ରୂପେ ପିଲାମାନଙ୍କୁ ଏମ୍.ଟି.ଏ ଦେଖିବା ପାଇଁ ପ୍ରୋତ୍ସାହିତ କରନ୍ତୁ । ବିଶେଷ ରୂପେ ନିୟମିତ ମୋ ଖୁତ୍‌ବା ଜୁମା ଓ ଅନ୍ୟାନ୍ୟ ଅବସରରେ ମୋ ଦ୍ୱାରା ଦିଆଯାଇଥିବା ଅଭିଭାଷଣ ଗୁଡିକୁ ଶୁଣନ୍ତୁ । ଏବଂ ମୋ ଦ୍ୱାରା ଦିଆଯାଇଥିବା ହିଦାୟତ୍ (ନିର୍ଦ୍ଦେଶାବଳୀ) ଓ ନସିହତ୍ (ଉପଦେଶ) ଗୁଡିକ ଉପରେ ଅମଲ କରନ୍ତୁ । ଏକଥା ଆପଣମାନଙ୍କୁ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରାଇବ ଓ ନିଜ ଇମାନ୍‌ରେ ଦୃଢ଼ତା ସୃଷ୍ଟି କରିବା ପାଇଁ ଶକ୍ତି ପ୍ରଦାନ କରିବ । ଏହାଦ୍ୱାରା ସାରା ଦୁନିଆରେ ଆମ ଯମାତ୍‌ର ଗୋଟିଏ ହିଁ ଭାବନା, ଗୋଟିଏ ହିଁ ଉଦ୍ଦେଶ୍ୟ ଓ ଏକ ଲକ୍ଷ୍ୟକୁ ସ୍ଥାପନ କରିବାର କାରଣ ହେବ ।

ଅଲ୍ଲାଃତାଲା ଏହି ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏ ଜଲ୍‌ସାର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏବଂ ଅଲ୍ଲାଃତାଲା ଆମକୁ ନିଜ ଜୀବନରେ ବାସ୍ତବିକ ପରିବର୍ତନ ଆଣିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ପୁଣ୍ୟ, ସତ୍‌କାର୍ଯ୍ୟ ଓ ନିଷ୍ଠାର ସହିତ ଇସ୍‌ଲାମ୍ ଏବଂ ମାନବିକତାର ସେବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କ ଉପରେ କୃପା କରନ୍ତୁ । ଆମିନ୍ !

ୱସ୍ ସଲାମ୍ ଖାକ୍‌ସାର୍

ମିର୍ଜା ମସ୍‌ରୁର ଅହେମଦ୍

ଖଲିଫତୁଲ୍ ମସିହିଲ୍ ଖାମିସ୍

(ଅଖବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୧୯ ଜାନୁଆରୀ ୨୦୧୮ଙ୍କୁ ଧନ୍ୟବାଦ)

## କୃତଜ୍ଞତା ସହିତ ପ୍ରାର୍ଥନା କରିବା ନିମନ୍ତେ ନିବେଦନ

ମୋର ସାନ ଝିଅ ଅଜିଜା ନେହା ନୱାବ ଢ଼ାକା ୟୁନିଭର୍‌ସିଟିର ଗୋଟିଏ କଲେଜ୍‌ରେ ଏମ୍.ବି.ବି.ଏସ୍ କରୁଛନ୍ତି । ଅଲ୍ଲାଃତାଲାଙ୍କ ଅସୀମ କୃପା ଓ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଦୁଆର ବରକତରୁ ଅଜିଜା ତୃତୀୟ ବର୍ଷର ପରୀକ୍ଷାରେ ଶତକଡା ୭୬% ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଏବର୍ଷ ହେଉଛି ଏମ୍.ବି.ବି.ଏସ୍‌ର ଶେଷ ବର୍ଷ । ଏଥିରେ ପ୍ରମୁଖ ସଫଳତା ତତ୍ ସହିତ ଝିଅର ଉଜ୍ଜଳ ଭବିଷ୍ୟତ ଓ ଯମାତ୍ ନିମନ୍ତେ ହିତକାରୀ ବ୍ୟକ୍ତି ବିଶେଷ ସାବ୍ୟସ୍ତ ହେବା ନିମନ୍ତେ ଯମାତ୍ ଓ ସଦ୍ୟମାନଙ୍କ ନିକଟରେ ପ୍ରାର୍ଥନା (ଦୁଆ) କରିବା ପାଇଁ ସବିନୟ ଅନୁରୋଧ ।

**(କାରୀ ନୱାବ୍ ଅହେମଦ୍, ମ୍ୟାନେଜର୍ ସାପ୍ତାହିକ ବଦର୍ କାଦିଆନ୍)**

# ଖୁତ୍‌ବା ଜୁମା

✶ଦୁଇ ଦିନ ପୂର୍ବେ ଜମାଅତର ଜଣେ ବରିଷ୍ଠ ସେବକ ଶ୍ରୀମାନ ଯୁବରାଜ ଖୁରଶିଦ ଅହେମଦ ସାହେବଙ୍କର ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ୱ୍ଇନ୍ନା ଇଲୈହି ରାଜେଉନ୍** ତାଙ୍କୁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ସହ ଆଧ୍ୟାତ୍ମିକ ଓ ଶାରୀରିକ ଉଭୟ ସମ୍ପର୍କରେ ଯୋଡ଼ି ହେବାର ସୌଭାଗ୍ୟ ପ୍ରଦାନ କରିଥିଲେ ।

✶ଏହା ଅଲ୍ଲାଃଙ୍କର ଧାର୍ଯ୍ୟ ନିୟମ କି ଯେକେହି ଏହି ସଂସାରକୁ ଆସିଛି ସେ ଦିନେ ନା ଦିନେ ନିଶ୍ଚିତ ଏହି ମର୍ତ୍ତ୍ୟଲୋକରୁ ବିଦାୟ ନେବ । ପ୍ରତ୍ୟେକ ବସ୍ତୁ କ୍ଷଣସ୍ଥାୟୀ, କେବଳ ଅଲ୍ଲାଃଙ୍କ ଅସ୍ତିତ୍ୱ ହିଁ ଚିରଞ୍ଜୀବୀ । କିନ୍ତୁ ଭାଗ୍ୟବାନ ସେହିମାନେ ଯେ ଅଲ୍ଲାଃଙ୍କ ପ୍ରଦତ୍ତ ଏହି (ମୂଲ୍ୟବାନ) ଜୀବନକୁ ଲକ୍ଷସମ୍ପର୍ଣ୍ଣ କରିବାକୁ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାକୁ ଚେଷ୍ଟା କରିଥାନ୍ତି । ସେମାନେ ଏକଥା ହୃଦୟଙ୍ଗମ କରିଥାନ୍ତି ଯେ, କୌଣସି ପୁଣ୍ୟବନ୍ତ, ୱ୍ଲି କିମ୍ବା ଅବତାରଙ୍କ ସହିତ କେବଳ ଶାରୀରିକ ସମ୍ପର୍କ ଥିଲେ ତାହାର ଜୀବନ ଲକ୍ଷଭିତିକ ହୋଇଯାଇନଥାଏ ନା ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭକାରୀ ହୋଇଥାଏ । ବରଂ ମଣିଷର କର୍ମ ଓ ଆଚରଣ ତାହାକୁ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭକାରୀ କରାଇଥାଏ ।

✶ହଜୁର ଅନୱ୍ର ଅ.ବ କହିଲେ- ମୁଁ ସ୍ୱୟଂ ମିର୍ଜା ଖୁରଶିଦ୍ ଅହେମଦ ସାହେବଙ୍କୁ ଜାଣେ ଏବଂ ମୋତେ ତାଙ୍କୁ ବେଶ୍ ନିକଟରୁ ଦେଖିବାର ସୁଯୋଗ ମିଳିଛି ତଥା ତାଙ୍କ ସହ ମୋର ବେଶ୍ ଗଭୀର ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ଥିଲା । ସେ ଅତ୍ୟନ୍ତ ନମ୍ରତାର ସହିତ ନିଜ ୱ୍କଫ୍‌କୁ (ଉତ୍ସର୍ଗ) ନିର୍ବାହ କଲେ ଏବଂ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ଚେଷ୍ଟା କଲେ । କଦାପି ଉଚ୍ଚ ଆଭିଜାତ୍ୟକୁ ନେଇ ଗର୍ବ କରିନାହାନ୍ତି ।

✶ସେ ୱ୍କଫ୍‌ର ମର୍ମ ବୁଝି କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱ ଥିଲେ । ଦେହାନ୍ତ ସମୟରେ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ହଜରତ ମସିହ ମଉଦ ଆ.ସଙ୍କର ଅଣନାତି ଏବଂ ମିର୍ଜା ସୁଲତାନ ଅହେମଦ ଯେ କି ହଜୁର ଆ.ସଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ, ତାଙ୍କ ନାତି ଥିଲେ ଏବଂ ମିର୍ଜା ଅଜିଜ୍ ଅହେମଦ୍ ସାହେବଙ୍କର ପୁତ୍ର ଥିଲେ । ମିର୍ଜା ଅଜିଜ୍ ଅହେମଦ୍ ସାହେବ ଏପରି ବ୍ୟକ୍ତିତ୍ୱ ଥିଲେ ଯେ ନିଜ ପିତାଙ୍କ ପୂର୍ବରୁ ହଜରତ ମସିହ ମଉଦ ଆ.ସଙ୍କର ବୟତ କରିଥିଲେ ।

✶ସେ ନାଜିରେ ଆଲା ଥିଲେ ଏବଂ ଏହି ପଦର କାର୍ଯ୍ୟବ୍ୟସ୍ତତା ବେଶ୍ ଅଧିକ ଅଟେ । ଜମାଅତି କେସ୍ (ମାମଲା)ମାନଙ୍କୁ ନେଇ ଅତ୍ୟନ୍ତ ଚିନ୍ତିତ ରହୁଥିଲେ । ଚିକିତ୍ସାଳୟରେ ମଧ୍ୟ ବାରମ୍ବାର ପଚାରି ବୁଝୁଥିଲେ କି ଅମକ ଅମକ କେସ୍‌ର ତାରିଖ କେବେ ଅଛି ଏବଂ ନୂଆ ଖବର କ'ଣ ରହିଛି । ଏହିପରି ନାଜିରେ ଆଲା ଓ ଅମିର ଜମାଅତ ହୋଇଥିବା ଯୋଗୁଁ ତାଙ୍କୁ ବିବାହ ଓ ଆନନ୍ଦ ଉତ୍ସାହରେ ଲୋକେ ନିମନ୍ତ୍ରଣ କରନ୍ତି ଏବଂ ସେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗଦିଅନ୍ତି ମଧ୍ୟ ଓ କୁହନ୍ତି ଏହା ବର୍ତ୍ତମାନ ମୋର କର୍ତ୍ତବ୍ୟର ଅନ୍ତର୍ଭୁକ୍ତ କାରଣ ମୁଁ ଖଲିଫାଙ୍କ ପ୍ରତିନିଧିତ୍ୱ କରୁଅଛି । ଏହିପରି ଲୋକମାନଙ୍କ ଦୁଃଖ ଓ ଅସୁବିଧା ସମୟରେ ମଧ୍ୟ ସେମାନଙ୍କ ପାଖରେ ହାଜର ହେଉଥିଲେ । **ପୁଣି ଅଭାବି ଓ ରୋଗୀମାନଙ୍କ କଥା ବୁଝିବା, ନିଜର ସ୍ୱାସ୍ଥ୍ୟ ଖରାପ ହେବା ସତ୍ୱେ କାର୍ଯ୍ୟାଳୟ ଆସିବା ଓ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିବା ତାଙ୍କର ବିଶେଷ ଗୁଣ ଥିଲା ।**

✶ଗତ ବର୍ଷ ତାଙ୍କ ପତ୍ନୀଙ୍କର ଦେହାନ୍ତ ଘଟିଲା ତା'ପରେ ସେ ବହୁତ ଅସୁସ୍ଥ ହୋଇଗଲେ, ହୃଦଯନ୍ତ୍ରଣା ତ ପୂର୍ବରୁ ଥିଲା । ତଥାପି ମୁଁ ତାଙ୍କୁ (ଇଂଲଣ୍ଡ) ଜଲସାକୁ ଆସିବାକୁ କହିଥିଲି । ସେ ଭାବୁଥିଲେ ଯାତ୍ରା କରିପାରିବେ ନାହିଁ, ତଥାପି ଆସିଲେ । ଏଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବେଶ୍ ଉନ୍ନତି ଘଟିଥିଲା, ବେଶ୍ ସତେଜ ଦେଖାଇଯାଉଥିଲେ ଏବଂ ପ୍ରତିଦିନ ରାତିରେ ମୋ ସହିତ ସାକ୍ଷାତ କରିବାକୁ ଚାଲିଆସୁଥିଲେ ।

**ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରପୌତ୍ର ମୋହତରମ୍ ସାହାବ୍‌ଜାଦା ମିର୍ଜା ଖୁର୍‌ଶିଦ୍ ଅହେମଦ୍ ସାହେବ୍ (ନାଜିରେ ଆଲା ସଦର ଅଞ୍ଜୁମନ୍ ଅହେମଦୀୟା ପାକିସ୍ତାନ)ଙ୍କ ୱ୍ଫାତ୍ (ମୃତ୍ୟୁ) ମରହୁମ୍‌ଙ୍କର ଖିଦ୍‌ମାତେ ଦୀନିୟା (ଦୀନ୍ ନିମନ୍ତେ ସେବା) ଓ ତାଙ୍କ ସୁଗୁଣର ଚର୍ଚ୍ଚା ଏବଂ ତାଙ୍କର ନମାଜ ଯନାଜାଃ ଗାଏବ୍ ପାଠ ।**

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୧୯ ଜାନୁଆରୀ ୨୦୧୮ ଅନୁଯାୟୀ ୧୯ ସୁଲାହ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱ୍ର ଅ:ବ କହିଲେ- ଦୁଇ ଦିନ ପୂର୍ବେ ଜମାଅତର ଜଣେ ବରିଷ୍ଠ ସେବକ ଶ୍ରୀମାନ ଯୁବରାଜ ଖୁରଶିଦ ଅହେମଦ ସାହେବଙ୍କର ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ୱ୍ଇନ୍ନା ଇଲୈହି ରାଜେଉନ୍** ତାଙ୍କୁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ସହ ଆଧ୍ୟାତ୍ମିକ ଓ ଶାରୀରିକ ଉଭୟ ସମ୍ପର୍କରେ ଯୋଡ଼ି ହେବାର ସୌଭାଗ୍ୟ ପ୍ରଦାନ କରିଥିଲେ । ଏହା ଅଲ୍ଲାଃଙ୍କର ଧାର୍ଯ୍ୟ ନିୟମ କି ଯେକେହି ଏହି ସଂସାରକୁ ଆସିଛି ସେ ଦିନେ ନା ଦିନେ ନିଶ୍ଚିତ ଏହି ମର୍ତ୍ତ୍ୟଲୋକରୁ ବିଦାୟ ନେବ । ପ୍ରତ୍ୟେକ ବସ୍ତୁ କ୍ଷଣସ୍ଥାୟୀ, କେବଳ ଅଲ୍ଲାଃଙ୍କ ଅସ୍ତିତ୍ୱ ହିଁ ଚିରଞ୍ଜୀବୀ । କିନ୍ତୁ ଭାଗ୍ୟବାନ ସେହିମାନେ ଯେ ଅଲ୍ଲାଃଙ୍କ ପ୍ରଦତ୍ତ ଏହି (ମୂଲ୍ୟବାନ) ଜୀବନକୁ ଲକ୍ଷସମ୍ପର୍ଣ୍ଣ କରିବାକୁ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାକୁ ଚେଷ୍ଟା କରିଥାନ୍ତି । ସେମାନେ ଏକଥା ହୃଦୟଙ୍ଗମ କରିଥାନ୍ତି ଯେ, କୌଣସି ପୁଣ୍ୟବନ୍ତ, ୱ୍ଲି କିମ୍ବା ଅବତାରଙ୍କ ସହିତ କେବଳ ଶାରୀରିକ ସମ୍ପର୍କ ଥିଲେ ତାହାର ଜୀବନ ଲକ୍ଷଭିତିକ ହୋଇଯାଇନଥାଏ ନା ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭକାରୀ ହୋଇଥାଏ । ବରଂ ମଣିଷର କର୍ମ ଓ ଆଚରଣ ତାହାକୁ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭକାରୀ କରାଇଥାଏ ।

ହଜୁର ଅନୱ୍ର ଅ.ବ କହିଲେ- ମୁଁ ସ୍ୱୟଂ ମିର୍ଜା ଖୁରଶିଦ୍ ଅହେମଦ ସାହେବଙ୍କୁ ଜାଣେ ଏବଂ ମୋତେ ତାଙ୍କୁ ବେଶ୍ ନିକଟରୁ ଦେଖିବାର ସୁଯୋଗ ମିଳିଛି ତଥା ତାଙ୍କ ସହ ମୋର ବେଶ୍ ଗଭୀର ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ଥିଲା । ସେ ଅତ୍ୟନ୍ତ ନମ୍ରତାର ସହିତ ନିଜ ୱ୍କଫ୍‌କୁ (ଉତ୍ସର୍ଗ) ନିର୍ବାହ କଲେ ଏବଂ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ଚେଷ୍ଟା କଲେ । କଦାପି ଉଚ୍ଚ ଆଭିଜାତ୍ୟକୁ ନେଇ ଗର୍ବ କରିନାହାନ୍ତି । ଗତବର୍ଷ ଜଲସାରେ ଏଠାକୁ (ଲଣ୍ଡନ) ଆସିଥିଲେ, ମୋ ନିକଟରେ ନିଜର ଉତମ ପରିଣତି ନିମନ୍ତେ ଚିନ୍ତାବ୍ୟକ୍ତ କଲେ ।

ୱ୍କଫ୍‌ର ମର୍ମ ବୁଝି କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱ ଥିଲେ । ଦେହାନ୍ତ ସମୟରେ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ହଜରତ ମସିହ ମଉଦ ଆ.ସଙ୍କର ଅଣନାତି ଏବଂ ମିର୍ଜା ସୁଲତାନ ଅହେମଦ ଯେ କି ହଜୁର ଆ.ସଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ, ତାଙ୍କ ନାତି ଥିଲେ ଏବଂ ମିର୍ଜା ଅଜିଜ୍ ଅହେମଦ୍ ସାହେବଙ୍କର ପୁତ୍ର ଥିଲେ । ମିର୍ଜା ଅଜିଜ୍ ଅହେମଦ୍ ସାହେବ ଏପରି ବ୍ୟକ୍ତିତ୍ୱ ଥିଲେ ଯେ ନିଜ ପିତାଙ୍କ ପୂର୍ବରୁ ହଜରତ ମସିହ ମଉଦ ଆ.ସଙ୍କର ବୟତ କରିଥିଲେ ।

ମିର୍ଜା ଖୁରଶିଦ୍ ଅହେମଦଙ୍କର ଜନ୍ମ ୧୯୩୨ ମସିହା ଜାନୁଆରୀ ମାସ ୧୨ ତାରିଖ ଦିନ ହୋଇଥିଲା । ୧୯୪୫ ମସିହା ଅପ୍ରେଲ ମାସ ୨୧ ତାରିଖରେ ମାତ୍ର ସାଢେ ବାର ବର୍ଷ ବୟସରେ ସେ ନିଜ ୱ୍କଫ୍‌ର ଫର୍ମ ପୂରଣ କରିଦେଇଥିଲେ । ସେତେବେଳେ ଆପଣ ନବମ ଶ୍ରେଣୀରେ ପାଠ ପଢୁଥିଲେ । କାଦିଆନ ହାଇ ସ୍କୁଲରେ ମାଟ୍ରିକ କଲେ ତା'ପରେ ଟି.ଆଇ ମହାବିଦ୍ୟାଳୟରୁ ଶିକ୍ଷା ହାସଲ କଲେ । ସେଠାରୁ ସ୍ନାତକ ହାସଲ କରିବାପରେ ହଜରତ ମୁସଲେହ୍ ମଉଦ ର.ଅଙ୍କ ନିର୍ଦ୍ଦେଶକ୍ରମେ ସରକାରୀ କଲେଜ୍ ଲାହୋରରେ M.A.English କଲେ । ୧୯୫୬ ମସିହା ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ଜୀବନ ଉତ୍ସର୍ଗ କରି ଟି.ଆଇ କଲେଜ୍ ରବ୍‌ୱାରେ ଜଏନ୍ କଲେ ଏବଂ ସେଠାରେ ୧୭ ବର୍ଷ ଇଂରାଜୀ ବିଭାଗରେ ସେଠାରେ ଶିକ୍ଷା ପ୍ରଦାନ କରିବାର କର୍ତ୍ତବ୍ୟ ସମ୍ପାଦନ କଲେ । ବେଶ୍ ପରିଶ୍ରମର ସହିତ ନିଜକୁ ପ୍ରସ୍ତୁତ କରି ଆସୁଥିଲେ, ମୁଁ ମଧ୍ୟ ତାଙ୍କ ନିକଟରେ ପଢିଛି ଏବଂ ତାଙ୍କର ଅନେକ ଶିଷ୍ୟ ମୋତେ ଲେଖିଛନ୍ତି କି ସେ ନିଜକୁ ପୂର୍ଣ୍ଣ ରୂପେ ପ୍ରସ୍ତୁତ କରିଆସି ଆମକୁ ପଢାନ୍ତି । ସେ ନିଜ ବିଷୟବସ୍ତୁ ଉପରେ ସମ୍ପୂର୍ଣ୍ଣ ଦକ୍ଷ ଥିଲେ ତେଣୁ ତାଙ୍କୁ ଛାତ୍ରମାନେ ବହୁତ ପସନ୍ଦ କରୁଥିଲେ । ୧୯୬୪ ମସିହାରେ ଇଂରାଜୀ ଫନେଟିକ୍ କୋରଶ୍ ପାଇଁ ବ୍ରିଟିସ୍ କାଉନସିଲ୍‌ର ବୃତି ପାଇ ବର୍ଷକ ପାଇଁ ଇଂଲଣ୍ଡ

ଆସିଥିଲେ, ଏଠାକାର Ladies Universityରେ ଶିକ୍ଷା ହାସଲ କଲେ । ତାଙ୍କର କେତେକ ଜମାଅତି ସେବା ଏଠାରେ ଉପସ୍ଥାପନ କରୁଅଛି, ୧୯୭୪ ମସିହାର ସମ୍ବେଦନଶୀଳ ପରିସ୍ଥିତିରେ ମିର୍ଜା ଖୁରଶିଦ ଅହେମଦ୍ ସାହେବ ତୃତୀୟ ଖଲିଫାଙ୍କ ସେବାରେ ପ୍ରତ୍ୟେକ କ୍ଷଣ ଅତିବାହିତ କରି ୨/୩ ମାସ ଖଲିଫାଙ୍କ ନିବାସରେ ରହିଲେ । ହଜରତ ମୁସଲେହ୍ ମଉଦ ର.ଅଙ୍କ ଅନୁମତିକ୍ରମେ ରବଓ୍ୱାରେ ଅନାଥ ଓ ବିଚକ୍ଷଣ ପିଲାମାନଙ୍କ ପାଳନପୋଷଣ ଓ ପ୍ରଶିକ୍ଷଣ ନିମନ୍ତେ ୧୯୬୨ ମସିହାର ମଧ୍ୟ ଭାଗରେ ଗୋଟିଏ ପାନ୍ଥଶାଳା **ଅଲନୁସରତ୍** ନାମରେ ପ୍ରତିଷ୍ଠା କରାଗଲା । ପରେ ଜମାଅତର ତୃତୀୟ ଖଲିଫା ତାହାର ନାମ **ମଦ୍‌ଦେ ଇମଦାଦ୍ ତୋଲବା** ରଖିଲେ । ୧୯୭୮ ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଆପଣ ଏହି ବିଭାଗର ତତ୍ତ୍ୱାବଧାରକ ଥିଲେ ।

୧୯୭୩ ମସିହା ଅପ୍ରେଲ ମାସ ୩୦ ତାରିଖରେ ଆପଣ ଦରବେଶ୍‌ମାନଙ୍କ ସେବା ସଂସ୍ଥାର ଅଧ୍ୟକ୍ଷ ଭାବରେ ମୁତୟନ ହେଲେ । ୧୯୭୬ ମସିହା ମଇ ମାସ ୧ ତାରିଖରୁ ୧୯୮୮ ମସିହା ପର୍ଯ୍ୟନ୍ତ ଅତିରିକ୍ତ ନାଜିରେ ଆଲା କାର୍ଯ୍ୟ ସମ୍ପାଦନ କଲେ । ବିଭିନ୍ନ କମିଟିର ସଦସ୍ୟ ଭାବରେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ୧୯୮୮ ମସିହା ଅକ୍ଟୋବର ମାସ ୧ତାରିଖରୁ ୧୯୯୧ ମସିହା ପର୍ଯ୍ୟନ୍ତ ନାଜିରେ ଓ୍ୱମୁରେ ଆମାର କର୍ତ୍ତବ୍ୟ ସମ୍ପାଦନ କଲେ । ୧୯୯୨ ମସିହା ଅଗଷ୍ଟ ମାସରୁ ୨୦୦୩ ମସିହା ମଇ ମାସ ପର୍ଯ୍ୟନ୍ତ ନାଜିରେ ଓ୍ୱମୁରେ ଖାରଜାର କର୍ତ୍ତବ୍ୟ ନିର୍ବାହ କଲେ । ତାପରେ ମୋ ଖିଲାଫତ୍ କାଳ ଆରମ୍ଭରୁ ସେ ନାଜିରେ ଆଲା ଓ ଅମିର୍ ଜମାଅତ୍ ରବଓ୍ୱା ରହିଆସୁଥିଲେ । ବେଶ୍ ସୁନ୍ଦର ଭାବରେ ସେ ନିଜ କର୍ତ୍ତବ୍ୟ ସମ୍ପାଦନ କଲେ, ମଜଲିସ୍ ଇଫ୍‌ତାର ମଧ୍ୟ ସଦସ୍ୟ ଥିଲେ । ୧୨/୧୩ ବର୍ଷ କାଳ କଜା ବୋର୍ଡ଼ର ମଧ୍ୟ ସଦସ୍ୟ ରହିଛନ୍ତି । ୧୯୭୩ ମସିହାରେ ଅଲ୍ଲାଃତାଲା ତାଙ୍କୁ ହଜ୍ କରିବାର ସୌଭାଗ୍ୟ ପ୍ରଦାନ କରିଥିଲେ ।

ତାଙ୍କର ନିକାଃ ୧୯୫୫ ମସିହା ଡ଼ିସେମ୍ବର ମାସ ୨୬ ତାରିଖରେ ଦ୍ୱିତୀୟ ଖଲିଫା ପଢାଇଥିଲେ ଏବଂ ହଜୁର ର.ଅ ନିଜ ଖୁତବାରେ କହିଥିଲେ- ଆମ ବଂଶର ଏହି ପୁତ୍ର ମଧ୍ୟ ଓ୍ୱକଫ୍ ଅଟେ । ମିର୍ଜା ଅଜିଜ୍ ଅହେମଦ ସାହେବଙ୍କୁ ଅଲ୍ଲାଃତାଲା ଶକ୍ତି ପ୍ରଦାନ କଲେ କି ସେ ନିଜର ଏହି ସନ୍ତାନକୁ ଉଚ୍ଚ ଶିକ୍ଷିତ କରାଇପାରିଲେ, ଯେ କି ବର୍ତମାନ M.A.English କରୁଅଛି ଏବଂ ଇଂରାଜୀରେ ସୁଦକ୍ଷ ଅଟେ । ମୋର ଆଶା ପରବର୍ତୀ ସମୟରେ ସେ କଲେଜରେ ଅଧ୍ୟାପନା କରନ୍ତୁ । ପୁଣି କହିଲେ (ଇଂରାଜୀ) ଅନୁବାଦ କରିବାରେ ସେ ମଧ୍ୟ ଆମର ସହାୟ ହେବେ ।

ଅଲ୍ଲାଃତାଲା ତାଙ୍କୁ ଛ'ଜଣ ପୁତ୍ର ପ୍ରଦାନ କରିଥିଲେ । ତାଙ୍କର ଚାରି ଜଣ ପୁତ୍ର ଜୀବନ ଉତ୍ସର୍ଗ କରି ଜମାଅତର ସେବା କରୁଛନ୍ତି ଓ ଦୁଇ ଜଣ ଡ଼ାକ୍ତର ଅଛନ୍ତି । ଜଣେ ନେଜାତର୍ ତାଲିମ୍‌ରେ ନାଏବ୍ ନାଜିର୍ ଅଟନ୍ତି, ସେ Ph.D କରିଛନ୍ତି । ଆଉ ଜଣେ ମଶିରେ କାନୁନି କାର୍ଯ୍ୟାଳୟରେ ଅତିରିକ୍ତ ଭାବରେ କାର୍ଯ୍ୟ କରୁଛନ୍ତି, ସେ Law କରିଛନ୍ତି । ଅନ୍ତଃବିଭାଗମାନଙ୍କରେ ଆପଣଙ୍କୁ ବିଭିନ୍ନ ସ୍ତରରେ କାର୍ଯ୍ୟ କରିବାର ସୁଯୋଗ ମିଳିଲା, ସେ ୨୦୦୦ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ସଦର ଅନସାରୁଲ୍ଲାଃ ପାକିସ୍ତାନ ରହିଥିଲେ । ତାଙ୍କର ଜଣେ ପୁତ୍ର ଡ଼ାଃ.ମିର୍ଜା ସୁଲତାନ ଅହେମଦ ସାହେବ ଲେଖିଛନ୍ତି, ସେ ଦ୍ୱିତୀୟ ଖଲିଫାଙ୍କୁ ଅତ୍ୟଧିକ ପ୍ରେମ କରୁଥିଲେ । କିଛି ବର୍ଷ ପୂର୍ବେ ସେ ଅଓ୍ୱକାଡ଼େ ଯାଇଥିଲେ ସେଠାରେ ତାଙ୍କର ଜଣେ ପୁତ୍ର ତାଙ୍କୁ ନେବାକୁ ଆସିଥିଲେ ତାଙ୍କ ସାଥିରେ ଡ଼ାଃ ନୁରୀ ମଧ୍ୟ ଥିଲେ କିନ୍ତୁ ରାସ୍ତାରେ ହିଁ ତାଙ୍କର ଭେଟ ହୋଇଗଲା । ସେହି ସମୟରେ ମିର୍ଜା ଖୁରଶିଦ୍ ଅହେମଦ ସାହେବ କହିଲେ କି ମୁଁ ରାସ୍ତା ସାରା ଦୁଆ କରୁଥିଲି କି କିପରି ମୁଁ ରବଓ୍ୱା ପହଁଚିଯାଏ ଏବଂ ଦ୍ୱିତୀୟ ଖଲିଫାଙ୍କ ପାଦତଳେ ଶେଷ ନିଶ୍ୱାସ ତ୍ୟାଗ କରେ ଅର୍ଥାତ ସେହି (ବେହସ୍ତି କବ୍ରସ୍ତାନ) ଯେଉଁଠାରେ ଆପଣଙ୍କ କବର ରହିଛି ଏବଂ ଯେଉଁଠାରେ ତାଙ୍କୁ କବର ଦିଆଗଲା । ଏହା ଥିଲା ଆପଣଙ୍କର ଦ୍ୱିତୀୟ ଖଲିଫାଙ୍କ ସହ ପ୍ରେମ ଓ ଭଲପାଇବାର କାହାଣୀ ।

ତାଙ୍କ ପୁତ୍ର ଲେଖିଛନ୍ତି ପିତା ଶର୍ଯ୍ୟାଶାୟୀ ଥିବା ସମୟରେ ଦିନେ ରାତିରେ ବ୍ୟସ୍ତ ହୋଇ ହଠାତ୍ ଉଠି ବସିଲେ ଏବଂ କହିଲେ ବର୍ତମାନ ମୁଁ ଏକ ଦିର୍ଘ ସ୍ୱପ୍ନ ଦେଖିଲି କି କେତେକ ଲୋକ ଦ୍ୱିତୀୟ ଖଲିଫାଙ୍କ ଉପରେ ଆପତି କରୁଛନ୍ତି ଏବଂ ଅନ୍ୟମାନେ ତାହାର ଉତର ଦେଉନାହାନ୍ତି । ସେଥିଯୋଗୁଁ ଆପଣ ଅତ୍ୟନ୍ତ କ୍ଷୋଭ ପ୍ରକାଶ ମଧ୍ୟ କଲେ କି ଜଣା ନାହିଁ ଲୋକେ କାହିଁକି ଉତର ଦେଉନାହାନ୍ତି ଏବଂ ଏହି ବ୍ୟସ୍ତତା ଯୋଗୁଁ ଶୋଇ ପାରିଲେ ନାହିଁ । ଅଧିକାଂଶ ସମୟରେ କହୁଥିଲେ କି ଦ୍ୱିତୀୟ ଖଲିଫାଙ୍କ ବିରୁଦ୍ଧର ଅଗ୍ନି ଅଧିକ ପ୍ରଜ୍ୱଳିତ ହେଉଛି ଏପରିକି ହଜରତ ମସିହ ମଉଦ ଆ.ସଙ୍କ (ବିରୋଧ)ଠାରୁ ମଧ୍ୟ ଅଧିକ ।

ତାଙ୍କ ପୁତ୍ର ଲେଖିଛନ୍ତି ୧୯୮୪ ମସିହାର ସଂକଟାପର୍ଣ୍ଣ ପରିସ୍ଥିତିରେ ଚତୁର୍ଥ ଖଲିଫାଙ୍କ ଯେଉଁ (ବିଶେଷ) ଦଳ ଗଠିତ ହୋଇଥିଲା ସେଥିରେ ମଧ୍ୟ ସେ ସାମିଲ ଥିଲେ । ଆପଣଙ୍କୁ ଏହି ସୌଭାଗ୍ୟ ହାସଲ ଥିଲା କି ଚତୁର୍ଥ ଖଲିଫାଙ୍କ ହିଜରତ୍ ସମୟରେ ରବଓ୍ୱାରୁ କରାଚି ପର୍ଯ୍ୟନ୍ତ ଯାଇଥିବା ଦଳରେ ଆପଣ ମଧ୍ୟ ସାମିଲ୍ ଥିଲେ । ଏହିପରି ରୋଗାକ୍ରାନ୍ତ ଥିବା ସମୟରେ ୨୦୧୦ ମସିହା ମଇ ମାସ ୨୮ ତାରିଖରେ ଲାହୋରର ଅପ୍ରୀତିକର ପରିସ୍ଥିତିକୁ ବେଶ୍ ସାହସ ଓ ଦକ୍ଷତାର ସହିତ ନିୟନ୍ତ୍ରଣ କଲେ ଏବଂ ପ୍ରତ୍ୟେକ ସହିଦ୍ ଯାହାର ଜନାଯାଃ ଆସୁଥିଲା, ପ୍ରଚଣ୍ଡ ଗ୍ରୀଷ୍ମ ତାପ ସତ୍ତ୍ୱେ ସ୍ୱୟଂ ଜନାଯାଃ ପାଠ କରାଉଥିଲେ ଏବଂ ଦୁଆ ହେବା ପର୍ଯ୍ୟନ୍ତ କବରସ୍ଥାନରେ ଉପସ୍ଥିତ ରହୁଥିଲେ । ଏହିପରି ପ୍ରତ୍ୟେକ ସ୍ତରର ଲୋକଙ୍କ ପ୍ରତି ଯତ୍ନବାନ ଥିଲେ ।

ତାଙ୍କ ପୁତ୍ର ମିର୍ଜା ଅଦିଲ୍ ଅହେମଦ ଲେଖିଛନ୍ତି ଯେତେବେଳେ ଆମେ ସ୍ଥାନୀୟ ଅଂଚଳର ରିର୍ପୋଟ (ନାଜିରେ ଆଲାଙ୍କ ନିକଟକୁ) ପ୍ରେରଣ କରୁ କିମ୍ବା କୌଣସି କାରଣରୁ ଏଥିରେ ଅବହେଳା ହୋଇଗଲେ, ଯେମିତି ହଜରତ ମହମ୍ମଦ ସ.ଆଙ୍କ ନାମ ସାଥିରେ ସଂକ୍ଷିପ୍ତ ଭାବରେ (ସୁଆଦ୍) ଲେଖିଦେଲେ ଓ ହଜରତ ମସିହ ମଉଦ ଆ.ସଙ୍କ (ନାମ) ଆଗରେ **ଆଲୈହି ସଲାମ୍** ପୁରା ଲେଖାଗଲେ, ଆପଣ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଉଥିଲେ କି ସର୍ବଦା ସ୍ତର ଓ ମର୍ଯ୍ୟାଦାର ଧ୍ୟାନ ରଖିବା ଉଚିତ୍ । ହଜରତ ମହମ୍ମଦ ସ.ଆଙ୍କ ସହ **ସଲେଲାହୁ ଅଲୈହି ଓ୍ୱ ସଲ୍ଲମ୍** ପୁରା ଲେଖିବ । ନିୟମିତ ନମାଜ ପାଠ ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଅତ୍ୟଧିକ ଅସୁବିଧା ହେଲେଯାଇ ନମାଜ ଜମା କରୁଥିଲେ । ଶେଷ ସମୟରେ ମଧ୍ୟ ଚିକିତ୍ସାଳୟରେ ଅଳ୍ପ କେତେକ ନମାଜକୁ ବାଦ ଦେଲେ ସମସ୍ତ ନମାଜ ଧାର୍ଯ୍ୟ ସମୟରେ ପାଠ କରୁଥିଲେ ।

ସେ ନାଜିରେ ଆଲା ଥିଲେ ଏବଂ ଏହି ପଦର କାର୍ଯ୍ୟବ୍ୟସ୍ତତା ବେଶ୍ ଅଧିକ ଅଟେ । ଜମାଅତି କେସ୍ (ମାମଲା)ମାନଙ୍କୁ ନେଇ ଅତ୍ୟନ୍ତ ଚିନ୍ତିତ ରହୁଥିଲେ । ଚିକିତ୍ସାଳୟରେ ମଧ୍ୟ ବାରମ୍ବାର ପଚାରି ବୁଝୁଥିଲେ କି ଅମକ ଅମକ କେସ୍‌ର ତାରିଖ କେବେ ଅଛି ଏବଂ ନୂଆ ଖବର କ'ଣ ରହିଛି । ଏହିପରି ନାଜିରେ ଆଲା ଓ ଅମିର ଜମାଅତ ହୋଇଥିବା ଯୋଗୁଁ ତାଙ୍କୁ ବିବାହ ଓ ଆନନ୍ଦ ଉତ୍ସାହରେ ଲୋକେ ନିମନ୍ତ୍ରଣ କରନ୍ତି ଏବଂ ସେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗଦିଅନ୍ତି ମଧ୍ୟ ଓ କୁହନ୍ତି ଏହା ବର୍ତମାନ ମୋର କର୍ତବ୍ୟର ଅନ୍ତର୍ଭୁକ୍ତ କାରଣ ମୁଁ ଖଲିଫାଙ୍କ ପ୍ରତିନିଧିତ୍ୱ କରୁଅଛି । ଏହିପରି ଲୋକମାନଙ୍କ ଦୁଃଖ ଓ ଅସୁବିଧା ସମୟରେ ମଧ୍ୟ ସେମାନଙ୍କ ପାଖରେ ହାଜର ହେଉଥିଲେ । **ପୁଣି ଅଭାବି ଓ ରୋଗୀମାନଙ୍କ କଥା ବୁଝିବା, ନିଜର ସ୍ୱାସ୍ଥ୍ୟ ଖରାପ ହେବା ସତ୍ତ୍ୱେ କାର୍ଯ୍ୟାଳୟ ଆସିବା ଓ ଶେଷ ମୁହୂର୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିବା ତାଙ୍କର ବିଶେଷ ଗୁଣ ଥିଲା** । ଗତ ବର୍ଷ ତାଙ୍କ ପତ୍ନୀଙ୍କର ଦେହାନ୍ତ ଘଟିଲା ତା'ପରେ ସେ ବହୁତ ଅସୁସ୍ଥ ହୋଇଗଲେ, ହୃଦଯନ୍ତ୍ରଣା ତ ପୂର୍ବରୁ ଥିଲା । ତଥାପି ମୁଁ ତାଙ୍କୁ (ଇଂଲଣ୍ଡ) ଜଲସାକୁ ଆସିବାକୁ କହିଥିଲି । ସେ ଭାବୁଥିଲେ ଯାତ୍ରା କରିପାରିବେ ନାହିଁ, ତଥାପି ଆସିଲେ । ଏଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବେଶ୍ ଉନ୍ନତି ଘଟିଥିଲା, ବେଶ୍ ସତେଜ ଦେଖାଇଯାଉଥିଲେ ଏବଂ ପ୍ରତିଦିନ ରାତିରେ ମୋ ସହିତ ସାକ୍ଷାତ କରିବାକୁ ଚାଲିଆସୁଥିଲେ ।

ଶ୍ରୀମାନ ଫୌଜିଆ ଶମିମ୍ ସାହେବାଃ ସଦର ଲଜନା ଲାହୋର ଯେ କି ହଜରତ ନଓ୍ୱାବ ଅମତୁଲ୍ ହଫିଜ୍ ବେଗମ୍ ସାହେବାଃଙ୍କ କନ୍ୟା ଏବଂ ଅମତୁଲ୍ ହଫିଜ୍ ହଜରତ ମସିହ ମଉଦ ଆ.ସଙ୍କ କନିଷ୍ଠ କନ୍ୟା ଥିଲେ, କୁହନ୍ତି- ନାଜିରେ ଆଲା ହେବା ପରେ ତାଙ୍କର ଉତମ ଗୁଣଗୁଡ଼ିକ ଅଧିକ ପ୍ରସ୍ଫୁଟିତ ହୋଇ ସମସ୍ତଙ୍କ ସମ୍ମୁଖକୁ ଆସିଲା । ଅତ୍ୟନ୍ତ ନମ୍ର ସ୍ୱଭାବି ସେବକ ଥିଲେ, ମୁଁ ଅନେକ ଥର ଜମାଅତର କାର୍ଯ୍ୟ ସମ୍ବନ୍ଧରେ ତାଙ୍କୁ ଫୋନ କରିଥିବି । ଯଦି ସେହି ସମୟରେ ମିଟିଙ୍ଗରେ ଥାନ୍ତି ତେବେ ପରବର୍ତୀ ସମୟରେ ଫୋନ କରନ୍ତି । ଅନେକ ଥର ଏପରି ଘଟିଛି କି ମୋ ନିକଟକୁ ହଠାତ୍ ମରିୟମ୍ ଶାଦି ଫଣ୍ଡ ପାଇଁ ଆବେଦନ ଆସିଥାଏ ଯାହାର ସଙ୍ଗେସଙ୍ଗେ ଆବଶ୍ୟକ ପୂରଣ କରିବାକୁ ହୋଇଥାଏ । ସେତେବେଳେ ମୁଁ ତାଙ୍କୁ ଫୋନ୍ କରେ ଏବଂ ନିଜ ବିବଶତା ଜଣାଇ କ୍ଷମା ପ୍ରାର୍ଥନା କରେ କିନ୍ତୁ ସେ ଅତ୍ୟନ୍ତ ଧର୍ଯ୍ୟ ସହକାରେ କୁହନ୍ତି ଅମିର ସାହେବଙ୍କଠାରୁ ଟଙ୍କା ନେଇନିଅ କିମ୍ବା ନିଜେ ବ୍ୟବସ୍ଥା କରିନିଅ ପରେ ମୁଁ ଟଙ୍କା ପଠାଇ ଦେବି ତେବେ ଅତ୍ୟନ୍ତ ଦୟାଳୁ ବ୍ୟକ୍ତିତ୍ୱ ଥିଲେ । ସେ କୁହନ୍ତି ମୁଁ ଆପଣଙ୍କ ପରି କୋମଳ ହୃଦୟ ବ୍ୟକ୍ତିତ୍ୱ ଦେଖି ନାହିଁ । ସେ ଆହୁରି କୁହନ୍ତି ମୁଁ ଯେତେବେଳେ ମଧ୍ୟ ଆପଣଙ୍କୁ ପରାମର୍ଶ ମାଗେ ସେତେବେଳେ ଆପଣ ବେଶ୍ ଉପଯୁକ୍ତ ପରାମର୍ଶ ଦେଉଥିଲେ । ଅତ୍ୟଧିକ ଦୁଆକାରୀ, ବର୍ତମାନ ଏପରି ଗୁରୁଜନ କେଉଁଠାରେ ବା ମିଳିବେ ।

ଚୌଧରୀ ହମିଦୁଲ୍ଲାଃ ସାହେବ ଓ୍ୱକିଲ୍ ଆଲା ତହରିକେ ଜଦିଦ୍ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି ୧୯୫୪ ମସିହାରେ ତାଲିମୁଲ୍ ଇସଲାମ କଲେଜ୍ ଯେତେବେଳେ ଲାହୋରରୁ ରବଓ୍ୱା ସ୍ଥାନାନ୍ତରିତ ହେଲା ସେତେବେଳେ ଯେଉଁ ଅଣଅହେମଦି ଇଂରାଜୀ ଶିକ୍ଷକମାନେ ଥିଲେ ସେମାନେ ଲାହୋରରେ ହିଁ ରହିଗଲେ, ରବଓ୍ୱା ଆସିଲେ ନାହିଁ । ତା'ପରଠାରୁ ମିଆଁ ଖୁରଶିଦ୍ ଅହେମଦ ସାହେବ ୧୯୫୬ ମସିହାରୁ ଇଂରାଜୀ ବିଭାଗକୁ ନୂତନ ଢାଂଚାରେ ଗଢିଲେ । ଆପଣଙ୍କ ନିଜର ଇଂରାଜୀ ବେଶ୍ ଭଲଥିଲା, ମୋର ମନେଅଛି କି ଆପଣଙ୍କ କାର୍ଯ୍ୟକାଳ ଅବଧିରେ କଲେଜରେ ଇଂରାଜୀର ସ୍ତର ବେଶ୍ ଉର୍ଦ୍ଧ୍ୱରେ ପହଂଚିଯାଇଥିଲା ।

ଖ୍ୱାଜା ମୁଜଫର୍ ସାହେବ ଯେ ନଜାରତେ ଉଲିଆରେ ମୁରବୀ ଭାବରେ କାର୍ଯ୍ୟରତ, କୁହନ୍ତି ଆପଣ ଦିର୍ଘ ସମୟର ଆଜମା (ରୋଗ)କୁ ଅତ୍ୟନ୍ତ ଧର୍ଯ୍ୟ ଓ ନର୍ମତାର ସହିତ

ବରଦାସ୍ତ କଲେ । ଆପଣ ଅତ୍ୟନ୍ତ ଦୟାବନ୍ତ ପିତାଠାରୁ ବଳି ଏବଂ ମାନବ ସେବାର ଚରମ ସ୍ତରରେ ଉପସ୍ଥିତ ଥିଲେ । ଅଧିକାଂଶ ସମୟ ମୋର ଅଭିଜ୍ଞତା ରହିଛି କି ଯେତେବେଳେ କୌଣସି ଅଭାବି ପୁରୁଷ କିମ୍ବା ମହିଳା ଆସନ୍ତି ଓ ଆପଣଙ୍କ ସହ ସାକ୍ଷାତ କରନ୍ତି ସେତେବେଳେ ଆପଣ ରାସନ, ପଲଙ୍କ, ଟି.ଭି, ଶେଯ କିମ୍ବା ଆର୍ଥିକ ସହାୟତା ପ୍ରଦାନ କରନ୍ତି କିନ୍ତୁ କେତେକ ସମୟରେ କେତେକ ଅଭାବି ଲୋକଙ୍କ ଫେରିଯିବାରେ ମୋତେ ଅଟକାଇ ଦିଅନ୍ତି ଏବଂ ନିର୍ଦ୍ଦେଶ ଦିଅନ୍ତି କି ତାଙ୍କ ଘରକୁ ଯାଇ ତାଙ୍କ ସଂକ୍ରାନ୍ତରେ ଖବର ସଂଗ୍ରହ କରି ମୋତେ ଅବଗତ କରାଅ । ମୁରବୀ ସାହେବ କୁହନ୍ତି ଦ୍ୱିତୀୟ ଦିନ ଯେତେବେଳେ ମୁଁ ରିର୍ପୋଟ ଦିଏ ସେତେବେଳେ କୁହନ୍ତି ତାହାର ଆବଶ୍ୟକତା ଅଧିକ ରହିଛି ଏବଂ ତାହାର ସେହିପରି ସାହାଯ୍ୟ କରାଯାଇ ନାହିଁ । ଅତ୍ୟନ୍ତ ଧର୍ଯ୍ୟ ଓ ଦୟାର ସହିତ ହସିହସି କଥା ଶୁଣନ୍ତି ଏବଂ ଏହିପରି ଧର୍ଯ୍ୟ ସହକାରେ କଥା ଶୁଣିବା ପ୍ରତ୍ୟେକ କର୍ମକର୍ତାଙ୍କର କର୍ତବ୍ୟ । ଯଦି ଧର୍ଯ୍ୟ ସହକାରେ ଲୋକଙ୍କ କଥା ଶୁଣାଯାଏ ତେବେ ଅନେକ ସମସ୍ୟାର ସମାଧାନ ହୋଇଯିବ ।

ପୁଣି ସ୍ମରଣ ଶକ୍ତି ମଧ୍ୟ ତାଙ୍କର ବେଶ୍ ପ୍ରଖର ଥିଲା । ବିଚାରଧାରା ପରାମର୍ଶଦାତା ପରି ଥିଲା । ସହସ୍ର ଚିଠି ଓ ରିପୋର୍ଟ ପ୍ରତିଦିନ ଦେଖନ୍ତି କିନ୍ତୁ ବାରମ୍ବାର ଏପରି ହୋଇଥାଏ କି କୌଣସି ମାମଲା କାହିଁ କେତେ ମାସ ତଳେ ସମାଧାନ ହୋଇଯାଇଥାଏ କିନ୍ତୁ ଦିର୍ଘ ସମୟ ପରେ ଆବେଦନକାରୀ ପୁନଃ ଅନୁଧାନ କିମ୍ବା ଦୁଆ କରିବାକୁ କହିଲେ, କର୍ମୀମାନେ କମ୍ପୁଟରରେ ତାହାର ରେକର୍ଡ଼ ଖୋଜୁଥିବା ବେଳେ ତାଙ୍କର (ସବୁକିଛି) ମନଥାଏ କି କ'ଣ କାର୍ଯ୍ୟକାରୀ ହୋଇଥିଲା, କ'ଣ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ କେତେ ନଥିପତ୍ର ଥିଲା, ତାହା କେଉଁଠାରେ ଅଛି । ଏପରି ନିଜ ଅଫିସ୍‌ର ସମସ୍ତ ଫାଇଲ୍ ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ତାଙ୍କର ମନେରହୁ ଥିଲା

ଖୋଶାବ ଜିଲାର ଅମିର ଶ୍ରୀମାନ ମନଓ୍ୱର ମଜୁକେ ସାହେବ କୁହନ୍ତି ଗୋଟିଏ ଛୋଟ ଘଟଣା ବର୍ଣ୍ଣନା କରୁଅଛି ଯାହାକି ମୋ ଉପରେ ତାଙ୍କର ଶ୍ରେଷ୍ଠତା ପ୍ରତିପାଦନ କରିଦେଲା । ପାଖାପାଖି ୨୦୧୫ ମସିହାର ପ୍ରାରମ୍ଭରେ ମୁଁ ନିଜ କାର୍ଯ୍ୟାଳୟରେ ବସିଥିଲି କି ଦୁଇ ଜଣ ଗରିବ ମହିଳା ଯେ କି ଖୋଶାବ ଜିଲାର (ନିବାସୀ) ଥିଲେ, ମୋ ନିକଟକୁ ଆସି କହିଲେ ଆମକୁ ନାଜିରେ ଆଲା ସାହେବ ଆପଣଙ୍କ ନିକଟକୁ ପଠାଇଛନ୍ତି କି ଆମର ସାହାଯ୍ୟ ନିମନ୍ତେ ଦରଖାସ୍ତରେ ଅମିର ଜିଲାଙ୍କ ଅନୁକୂଳ ମତ ଓ ହସ୍ତାକ୍ଷର କରିଆଣନ୍ତୁ । ସେ କୁହନ୍ତି ସେମାନଙ୍କ କଥା ଶୁଣିବା ପରେ ମୁଁ ନିଷ୍ପତି ନେଲି କି ତାଙ୍କର ସାହାଯ୍ୟ ନିମନ୍ତେ ମରକଜକୁ ପଠାଇବା ପରିବର୍ତେ ନିଜ ଜିଲାର ପାଣ୍ଠିରୁ କରିଦେବା । ତେଣୁ ଉକ୍ତ ମହିଳାଦ୍ୱୟଙ୍କୁ ମୁଁ ଜିଲାର ସେକ୍ରେଟାରୀ ଓ୍ୱମୁରେ ଆମାଙ୍କ ନିକଟକୁ ପଠାଇ ତାଙ୍କ ଆବଶ୍ୟକତା ପୂରଣ କରିଦେଲି । ସେ କୁହନ୍ତି ଦ୍ୱିତୀୟ ଦିନ ଅଧମ ନିଜ କାର୍ଯ୍ୟାଳୟରେ ବସିଥିଲା କି ମିଆଁ ସାହେବଙ୍କର ଫୋନ୍ ଆସିଗଲା ଏବଂ ମୋତେ ପଚାରିଲେ କି କାଲି ଆପଣଙ୍କ ଜିଲାର ଦୁଇଜଣ ମହିଳାଙ୍କ ପାଇଁ ଦସ୍ତଖତ୍ ଓ ଅନୁକୂଳ ମତ (ସିଫାରିଶ୍) ନିମନ୍ତେ ପଠାଇଥିଲି ସେମାନେ ଆଜି ମଧ୍ୟ ମୋ ନିକଟରେ (ସାହାଯ୍ୟ ନିମନ୍ତେ) ପହଂଚି ନାହାନ୍ତି ଏବଂ ମୁଁ ଚିନ୍ତିତ କି ଆପଣ ତାଙ୍କୁ ଫେରାଇ ନଦିଅନ୍ତୁ । ସୁତରାଂ ଆପଣ ସେମାନଙ୍କର ସିଫାରିଶ୍ କରି ପଠାଇ ଦିଅନ୍ତୁ ଯଦ୍ୱାରା ତାଙ୍କର ଉଚିତ ସମୟରେ ସାହାଯ୍ୟ ହୋଇପାରିବ । ସେ କୁହନ୍ତି ଏଥିରେ ମୁଁ କହିଲି ତାଙ୍କର ସାହାଯ୍ୟ ଆମେ କରିଦେଇଥିବାରୁ ଆପଣଙ୍କ ନିକଟକୁ ପଠାଇଲୁ ନାହୁଁ । ଅମିର ସାହେବ କୁହନ୍ତି ଏହି ଛୋଟ ଘଟଣାରୁ ଆପଣଙ୍କର ଦୁଃଖି, ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ଓ ମାନବ ସେବା ତଥା ଛୋଟ ଛୋଟ କଥାଗୁଡ଼ିକୁ ଗୁରୁତ୍ୱ ଦେବା ତାଙ୍କର ମହାନ ବ୍ୟକ୍ତିତ୍ୱ ନିମନ୍ତେ ମୋର ସାମାନ୍ୟ ପ୍ରଶଂସା ଅଟେ । **ଏହି ଭାବନା ଆମର ପ୍ରତ୍ୟେକ କର୍ମକର୍ତାମାନଙ୍କ ମଧ୍ୟରେ ଉତ୍ପନ୍ନ ହେବା ଉଚିତ୍ କି କିଭଳି କାମ କରିବା** । କେବଳ ଏତିକି ନୁହେଁ କି କାମ କରିବାକୁ ପଠାଇଦେଲେ ବରଂ ଯେକୌଣସି ଦରଖାସ୍ତ ଆସିଲେ ଆବେଦନକାରୀ ସ୍ୱୟଂ ସେହି ସମୟରେ ଫଲୋଅପ୍ କରିବାକୁ ଚେଷ୍ଟା କରିଥାଏ କିନ୍ତୁ କର୍ମକର୍ତାମାନଙ୍କୁ ମଧ୍ୟ ଯେପର୍ଯ୍ୟନ୍ତ ନିର୍ଦ୍ଦେଶ ମୁତାବକ ଅମଳ ନହୋଇଛି ଏବଂ ଅଭିଯୋଗ ଦୂର ହୋଇ ନାହିଁ କିମ୍ବା ମାମଲାର ନିଷ୍ପତି ହୋଇନାହିଁ ସେପର୍ଯ୍ୟନ୍ତ ମାମଲାକୁ ଦେଖିବା ଉଚିତ୍ । ମୁଣ୍ଡ ଉପରୁ ବୋଝ ଓହ୍ଲାଇବା ପରି ଟାଳିବା ପରିବର୍ତେ ତାହାକୁ ସମାଧାନ କରିବାକୁ ଚେଷ୍ଟା କରିବା ଚେଷ୍ଟା କରିବା ଉଚିତ୍ । ଯଦି ପ୍ରତ୍ୟେକ କର୍ମକର୍ତାମାନଙ୍କ ମଧ୍ୟରେ ଏହି ଅଭ୍ୟାସ ଉତ୍ପନ୍ନ ହୋଇଯାଏ ଯେପରିକି ମୁଁ ପୂର୍ବରୁ କହିଆସିଲି ତେବେ ଆମର ଅନେକ ସମସ୍ୟାର ଅନ୍ତ ଘଟିବ । ହାଫିଜ୍ ମୁଜଫର୍ ଅହେମଦ୍ ସାହେବ ଲେଖିଛନ୍ତି ବାଜମାଅତ ନମାଜର ଗୁରୁତ୍ୱ ସମ୍ବନ୍ଧରେ ଆପଣ ଜଣେ ଜ୍ୱଳନ୍ତ ଉଦାହରଣ ଥିଲେ । **ଯେତେବେଳେ ସେ ସଦର ଅନସାରୁଲ୍ଲାଃ ହେଲେ ସେତେବେଳେ ବାରମ୍ବାର ନମାଜ ବାଜମାଅତ ନିୟମିତ ନମାଜ ପାଠ କରିବା ନିମନ୍ତେ ଧ୍ୟାନ ଆକର୍ଷିତ କରୁଥିଲେ ବରଂ ସ୍ୱୟଂ ଏପରି କହୁଥିଲେ କି ତୁମେମାନେ ଭାବୁଥିବ ଆଙ୍କର କେବଳ ଏହି ଗୋଟିଏ କଥାରେ ସୁଇ ଅଟକି ରହିଛି କିନ୍ତୁ ମୁଁ କ'ଣ କରିବି ଯେପର୍ଯ୍ୟନ୍ତ ଏହି କର୍ତବ୍ୟ ସମ୍ପାଦନ ହୋଇ ନାହିଁ ମୋର କର୍ତବ୍ୟ କି ମୁଁ ତୁମମାନଙ୍କୁ ମନେପକାଉ ଥିବି** । କର୍ମକର୍ତାମାନଙ୍କୁ ମଧ୍ୟ ଆବଶ୍ୟକ ମୁଁ ଲକ୍ଷ କରିଥାଏ କେତେକ କର୍ମକର୍ତା ବାଜମାଅତ ନମାଜ ପାଠ କରିବା ତ ଦୂରରେ ଥାଉ କେତେକ ସମୟରେ ଏକାକି ମଧ୍ୟ ନମାଜ ପାଠ କରିନଥାନ୍ତି ।

ମୁରବୀ ମଲକ ମହମ୍ମଦ ଅଫଜଲ୍ ସାହେବ କୁହନ୍ତି ସେ ସର୍ବଦା ମସଜିଦ୍‌ରେ ମୁଣ୍ଡ ନୁଆଇ ବସିଥାନ୍ତି । ରମଜାନର ପବିତ୍ର ମାସରେ ନିୟମିତ ଭାବରେ ନମାଜ ଅସର ପରେ ମସଜିଦ୍ ମୁବାରକ୍‌ରେ ଦରସ୍ ଓ କୋରାନ ପାଠ କରିବାରେ ମଗ୍ନ ରହିବା ଏବଂ ଯଦି କେହି ନିଜ ମାମଲା ନେଇ ଆସେ ତେବେ ତାହାକୁ ଆଗ୍ରହର ସହିତ ଧ୍ୟାନ ପୂର୍ବକ ଶୁଣିବା ଓ ତାହର ସମାଧାନର ବାଟ ଦେଖାଇବା ଇତ୍ୟାଦିର ରବଓ୍ୱାର ପ୍ରତ୍ୟେକ ବ୍ୟକ୍ତି ସାକ୍ଷୀ ଅଟନ୍ତି । ସେ କୁହନ୍ତି ଜାମିୟାରେ ଅଧ୍ୟୟନ କାଳରେ ଏକଦା ମୁଁ ଅତ୍ୟନ୍ତ ଚିନ୍ତିତ ଓ ଭାରାକ୍ରାନ୍ତ ଥିଲି ଏବଂ (କୌଣସି ଏକ) ମାମଲା ମୋ କ୍ଷମତା ବାହାରେ ଥିଲା, ଦୁଆ ହିଁ ଅନ୍ତିମ ସମାଧାନ ଥିଲା । ସେ କୁହନ୍ତି ମୁଁ ମିର୍ଜା ଖୁରଶିଦ୍ ଅହେମଦ ସାହେବଙ୍କ କାର୍ଯ୍ୟାଳୟକୁ ଗଲି ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ସତ୍ୱେ ସେ ମୋତେ ନିଜ କକ୍ଷକୁ ଡ଼କାଇଲେ ଏବଂ ସର୍ବୋଚ୍ଚ ସ୍ତରର ନର୍ମ ଆଚରଣ ପ୍ରଦର୍ଶନ କରି ମୋ ସହିତ ଦିର୍ଘ ସମୟ ଅତିବାହିତ କଲେ । ତାଙ୍କଠାରୁ ବିଦାୟନେବା ଅନ୍ତେ ମୋତେ ଅତ୍ୟନ୍ତ ଆତ୍ମ ସନ୍ତୋଷ ଲାଭ ହେଲା ଏବଂ ମୁଁ ଅତ୍ୟନ୍ତ ଭାରଶୂନ୍ୟ ଅନୁଭବ କଲି । ହୃଦୟରେ ଏକ ନୂତନ ଉମଙ୍ଗ ନେଇ ସେହି କକ୍ଷରୁ ପଦାକୁ ବାହାରିଲି, ଏପରି ସମସ୍ତ କର୍ମକର୍ତା ଅନ୍ୟମାନଙ୍କୁ ସାନ୍ତ୍ୱନା ପ୍ରକାନକାରୀ ହେବା ଉଚିତ୍ ।

ବଦୋ ମଲହିର ମୁରବୀ ଶ୍ରୀମାନ ମସଉଦ୍ ସାହେବ କୁହନ୍ତି ମିଆଁ ସାହେବଙ୍କ ସହ ଅନେକ ଥର ସାକ୍ଷାତ ହୋଇଛି ପ୍ରତ୍ୟେକ ସାକ୍ଷାତ ପ୍ରେମ ଓ ଦୟାରେ ପୂର୍ଣ୍ଣ ଥିଲା । **ଆପଣ ସମସ୍ତଙ୍କର ପ୍ରିୟ, ସମସ୍ତଙ୍କୁ ସ୍ନେହ ଓ ଆଦର କରିବା, ଅତ୍ୟନ୍ତ ଦୟାଳୁ ବ୍ୟକ୍ତିତ୍ୱର ଅଧିକାରୀ ତଥା ନମ୍ରତାର ପ୍ରତିମୂର୍ତି ଥିଲେ । କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଆସନରୁ ଉଠି ସଲାମ କରିବା ଓ ହାତ ମିଳାଇବାର ସୌଭାଗ୍ୟ ପ୍ରଦାନ କରୁଥିଲେ ଯଦିଚ ସେ ଛୋଟ ପିଲାଟିଏ ହେଉନା କାହିଁକି** । ଯେକେହି ଆସନ୍ତୁ ନାକାହିଁକି ନିଜ ଜରୁରି କାର୍ଯ୍ୟ ଛାଡ଼ି ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହର ସହିତ ତାଙ୍କ କଥା ଶୁଣିବା ଓ ତାଙ୍କ ସହ ମିଳାମିଶା କରନ୍ତି । ତେଣୁ ପ୍ରତ୍ୟେକ ଆପଣଙ୍କ ନିକଟକୁ ନିଜର ସମସ୍ୟା ନେଇ ଚାଲିଆସନ୍ତି । ସମସ୍ତେ ଏହିପରି ଲେଖିଛନ୍ତି କି ଆପଣଙ୍କ କାର୍ଯ୍ୟାଳୟରେ ଗରିବ, ଧନି କର୍ମକର୍ତା କିମ୍ବା ସାଧାରଣ ଅହେମଦିଙ୍କ ସହ ସମାନ ଆଚରଣ ହୋଇଥାଏ । ସମସ୍ତଙ୍କ କଥା ଶୁଣି ଏପରି ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି ଯେପରି ସେ ବେଶ୍ ମାନ୍ୟଗଣ ବ୍ୟକ୍ତି ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- କିଛି ବର୍ଷ ପୂର୍ବେ ମୁଁ ହଜରତ ମସିହ ମଉଦ ଆ.ସଙ୍କ ସନ୍ତାନମାନଙ୍କ ନିକଟକୁ ସେମାନଙ୍କ କର୍ତବ୍ୟ ସମ୍ବନ୍ଧରେ ଅବଗତ କରାଇ କେତେକ ଅଭିଯୋଗ ଯାହାକି ମୋର ହସ୍ତଗତ ହୋଇଥିଲା ତାହାର ନିରାକରଣ ସମ୍ବନ୍ଧରେ ଉପଦେଶ ପୂର୍ବକ ଏକ ପତ୍ର ଲେଖିଥିଲି । ଉକ୍ତ ପତ୍ର ଯେତେବେଳେ ମୁଁ ପାକିସ୍ତାନ ପ୍ରେରଣ କଲି ତାଙ୍କୁ କହିଥିଲି କି ସେଠାରେ ଉପସ୍ଥିତ ଥିବା ଖାନଦାନର ପ୍ରତ୍ୟେକ ସଦସ୍ୟଙ୍କୁ ଏକତ୍ର କରି ମୋର ଏହି ପତ୍ର ଶୁଣାଇଦେବେ । **ସେ ମୋର ଏହି ପତ୍ର ଶୁଣାଇବା ପରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଲେ ମୁଁ ସ୍ପଷ୍ଟ କରିଦେଉଛି ଯେ, ମୋର ସନ୍ତାନମାନେ ମଧ୍ୟ ଏସମସ୍ତ ଉପଦେଶରୁ ପବିତ୍ର ନୁହନ୍ତି ଏବଂ ମୁଁ ସେମାନଙ୍କୁ ଓ ସେମାନଙ୍କ ସନ୍ତାନମାନଙ୍କୁ ଉପଦେଶ ପୂର୍ବକ କହୁଅଛି କି ଏହି ଦୁର୍ବଳତା ଆମମାନଙ୍କୁ ଦୂର କରିବା ଉଚିତ୍** । ପ୍ରିୟ ଖଲିଫା ଆମଠାରୁ ଯାହା ଆଶା ବାନ୍ଧିଛନ୍ତି ଆମ୍ଭକୁ ତାହା ପୂରଣ କରିବାକୁ ଚେଷ୍ଟା କରିବା ଉଚିତ୍ ତେବେ ଏହା ଥିଲା ତାଙ୍କ ସତ୍ୟବାଦୀ ଓ ଧର୍ମପରାୟଣତାର ସ୍ତର । ଅଲ୍ଲାଃତାଲା ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କର ସତ୍‌କର୍ମକୁ ପ୍ରତିଷ୍ଠିତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଜମାଅତ ଓ ଖିଲାଫତେ ଅହେମଦିୟାକୁ ବିଶ୍ୱସ୍ତ, ନିଷ୍ଠାପର ଓ ଧର୍ମପରାୟଣ ସାହାର୍ଯ୍ୟକାରୀ ପ୍ରଦାନ କରନ୍ତୁ ।

ଶ୍ରୀମାନ ମିର୍ଜା ଅନସ୍ ଅହେମଦ ସାହେବ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି ଭାଇ ଖୁରଶିଦ୍ ସାରା ଜୀବନ ଖଲିଫାଙ୍କ ପାଦତଳେ ବସି ଜମାଅତର ସେବା କଲେ । ଅଲ୍ଲାଃତାଲା ତାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ ତାଙ୍କର ସେବାକୁ ସ୍ୱୀକୃତି ପ୍ରଦାନ କରନ୍ତୁ ଏବଂ ଅସରନ୍ତି କୃପା ଓ ଦୟାର ଛତ୍ରଛାୟା ତଳେ ରଖନ୍ତୁ । ସେ ତ ନିଜର କର୍ତବ୍ୟ ସମ୍ପାଦନ କରିଚାଲିଗଲେ, (ହଜୁର ଅନଓ୍ୱର କହିଲେ)ସେ ଏହା ସମ୍ପୂର୍ଣ୍ଣ ସତ କଥା ଲେଖିଛନ୍ତି କି ନିଶ୍ଚିତ ଭାବରେ ସେ ନିଜର କର୍ତବ୍ୟ ସମ୍ପାଦନ କରିଦେଲେ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ମଧ୍ୟ ନିଜ ନିଜର କର୍ତବ୍ୟ ସଠିକ୍ ରୂପେ ନିର୍ବାହ କରିବାର ଶକ୍ତି ପ୍ରଦାନ କରନ୍ତୁ । ନମାଜ ଜୁମା ପାଠ କରିବା ଅନ୍ତେ ମୁଁ ତାଙ୍କର ନମାଜ ଜାନାଯାଃ ଗାଏବ ପାଠ କରାଇବି **ଇନ୍ନଶା ଅଲ୍ଲାଃ** ।

ପୃଷ୍ଠା-୧୧ ର ଅବଶିଷ୍ଟାଂଶ.......

କାନାଡାରୁ ୱକ୍‌ଫେ ଆରଜି ନିମନ୍ତେ ଖୁଦାମ୍‌ଙ୍କୁ ମଗାଇପାରିବୁ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଭଲକଥା । କାନାଡା ଓ ଆମେରିକାରୁ ମଧ୍ୟ ଖୁଦାମ୍ ମାନଙ୍କୁ ୱକ୍‌ଫେ ଆରଜି କରିବା ପାଇଁ ତହ୍‌ରିକ୍ କରନ୍ତୁ ।

ତବ୍‌ଲିଗ୍ ସମ୍ବନ୍ଧରେ ଉପଦେଶ ଦେଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଲୋକମାନଙ୍କୁ ଇନ୍‌ଡାଇରେକ୍ଟ ତବ୍‌ଲିଗ୍ କରନ୍ତୁ । ବେଳେବେଳେ ଡାଇରେକ୍ଟ ତବ୍‌ଲିଗ କରିବା ଦ୍ୱାରା ଲୋକମାନେ ଆସନ୍ତି ନାହିଁ । କାରଣ ନା ତ ଲୋକମାନେ ଧର୍ମ ଉପରେ ଚାଲୁଛନ୍ତି ଓ ନା ସେମାନଙ୍କୁ ଧର୍ମ ବିଷୟରେ କୌଣସି ଆଗ୍ରହ ଅଛି । ତେଣୁ ଇନ୍‌ଡାଇରେକ୍ଟ ତବ୍‌ଲିଗ୍ କରନ୍ତୁ । ପ୍ରଥମେ ମାହୋଲ୍ (ପରିବେଶ) ପ୍ରସ୍ତୁତ କରନ୍ତୁ । ପୁଣି କଥାବାର୍ତା କରି ତାଙ୍କୁ ଧର୍ମ ଆଡକୁ ଭିଡନ୍ତୁ । ପ୍ରଥମେ କେବଳ ସମ୍ପର୍କ ବଢ଼ାନ୍ତୁ । ଏବଂ ନିଜ ଆଡକୁ ଟାଣନ୍ତୁ । ସେଥିଯୋଗୁ ପିସ୍ କନ୍‌ଫରେନ୍‌ସ କରନ୍ତୁ । ଯଦି ଖିଲାଫତ୍ ବିଷୟରେ କୌଣସି କଥା ହେବାକୁ ଚାହୁଁଛନ୍ତି ତେବେ ଦାଇଶର ଉଦାହରଣ ଦେଇ କୁହନ୍ତୁ ଯେ ଦେଖନ୍ତୁ ସେ ଖିଲାଫତ୍‌ର ଅବସ୍ଥା କଣ ହେଲା ! ବର୍ଷରେ ଗୋଟିଏ ଦୁଇଟି ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ କରନ୍ତୁ । ଯେଉଁଥିରେ ଶିକ୍ଷିତ ଲୋକମାନଙ୍କୁ ନିମନ୍ତ୍ରଣ କରନ୍ତୁ । ଓ ଖବରକାଗଜ ଗୁଡିକରେ ଖବର ମଧ୍ୟ ଛାପନ୍ତୁ । ଏହିପରି ଅଧିକରୁ ଅଧିକ ଲୋକ ପର୍ଯ୍ୟନ୍ତ ବାର୍ତା ପହଂଚିପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନିଜ ନିଜର ଲୋକ ସମ୍ପର୍କକୁ ବଢ଼ାନ୍ତୁ । ମେମ୍ବର ଅଫ୍ ପାର୍ଲିଆମେଂଟ୍‌ସ, ମେୟର, ପୋଲିସ୍ ଚିଫ୍ କମିଶନର, ଡାକ୍ତର ଓ ଓକିଲ ଇତ୍ୟାଦିଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତୁ । ତାଲିଫେ କଲବ୍ (ମନଜିଣିବା) ନିମନ୍ତେ ମଧ୍ୟ ଖର୍ଚ୍ଚ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ସମସ୍ତ କାର୍ଯ୍ୟ ଧିରେଧିରେ ହୁଏ । ବହୁତ ଧୈର୍ଯ୍ୟ ଓ ସାହସର କାର୍ଯ୍ୟ ଅଟେ । ଏ ଦୁନିଆକୁ ପୁଣ୍ୟମାର୍ଗକୁ ଡାକିବା ବହୁତ କଠିନ କାର୍ଯ୍ୟ । ଧୈର୍ଯ୍ୟ ଓ ସହନଶୀଳତାର କାର୍ଯ୍ୟ ଅଟେ । କାହାକୁ ଧର୍ମରୁ ଦୂରେଇ ନେବା ବହୁତ ସହଜ କାମ ଅଟେ । ତର୍‌ବିୟତ୍ ପ୍ରସଙ୍ଗରେ ମୁବଲ୍ଲିଗ୍ ସାହେବ୍ କହିଲେ ଯେ ଗଏର୍ ଅହେମଦୀଙ୍କ ସହିତ ବନ୍ଧୁ ଓ ସାଙ୍ଗସାଥି ହେବା ଯୋଗୁ କିଛି ଚରିତ୍ରହୀନ କାର୍ଯ୍ୟ ମଧ୍ୟ ହୋଇଯାଉଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ତର୍‌ବିୟତ୍ କରିବା ନିମନ୍ତେ ଯାହା କିଛି ଉପାୟ ଅଛି ସେ ସବୁର ସଦ୍ ବ୍ୟବହାର କରନ୍ତୁ । ଆଫ୍ରିକାରେ ମଧ୍ୟ ଏ ପ୍ରଥା ଅଛି ଯେ ସେମାନେ ନିଜ ନିଜର କବିଲାରେ ବିବାହ ହୋଇଥାନ୍ତି ଏବଂ ଏକାଠି ରହିଥାନ୍ତି । ଆପଣ ସେମାନଙ୍କୁ କମ୍ ରୁ କମ୍ ବିବାହ କରିବା ପାଇଁ ଧ୍ୟାନ ଆକର୍ଷଣ କରାନ୍ତୁ ।

ମୁବଲ୍ଲିଗ୍ ସାହେବ୍ କହିଲେ କି ରିସ୍ତାନାତା ପ୍ରସଙ୍ଗରେ ବହୁତ ଗୁଡିଏ ସମସ୍ୟା ଅଛି । ପଡୋଶୀ ଦେଶ ସେରିନାମ୍ ଓ ତ୍ରିନିଦାଦ୍ ସହିତ ରିସ୍ତା (ବିବାହ) କରିବାର ଏକ ଯୋଜନା ଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଦେଖନ୍ତୁ ଯାହା କିଛି ନୂଆ ନୂଆ ମାର୍ଗ ବାହାରୁଛି ସେଗୁଡିକ ବାହାର କରନ୍ତୁ । ଇଂଟର୍ ନ୍ୟାସ୍‌ନାଲ୍ ରିସ୍ତାନାତା କମିଟି ସହିତ ମଧ୍ୟ ଯୋଗାଯୋଗ କରନ୍ତୁ । ପର୍ଦ୍ଦା କରିବା ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉପଦେଶ ଦେଇ କହିଲେ- ପ୍ରଥମେ ସେମାନଙ୍କୁ ନିଜ ମୁଣ୍ଡ ଓ ଦେହକୁ ଢ଼ାଙ୍କିବା ପାଇଁ କୁହନ୍ତୁ । ଏଥିରୁ ହିଁ ଆରମ୍ଭ କରନ୍ତୁ । ଓ ଧିରେ ଧିରେ ଆଗକୁ ବଢ଼ନ୍ତୁ । ପ୍ରଥମେ ସେମାନଙ୍କୁ ମଣିଷ ବନାଇବାକୁ ହେବ, ପୁଣି ମଣିଷରୁ ଚରିତ୍ରବାନ୍ ମଣିଷ, ପୁଣି ଚରିତ୍ରବାନ୍ ମଣିଷରୁ ଖୁଦାନୁମା ଇନ୍‌ସାନ୍ (ଇଶ୍ୱରଭକ୍ତ ମନୁଷ୍ୟ) ରୂପେ ବନାଇବାକୁ ହେବ । ମୁବଲ୍ଲିଗ୍ ସାହେବ୍ କହିଲେ- ସେଠିକାର ଲୋକମାନେ ବୟତ ଫର୍ମରେ ଦସ୍ତଖତ କରିବା ପାଇଁ ଭୟ କରୁଛନ୍ତି । କେବଳ ଇସ୍‌ଲାମ୍ ଗ୍ରହଣ କରିବାକୁ ଚାହୁଁଛନ୍ତି । ଯଦି ଅଧିକ ବୁଝାଇବେ ତେବେ ସାମୟିକ ଭାବେ ବୟତ କରୁଛନ୍ତି । କିନ୍ତୁ ପରେ ପୁଣି ପଛକୁ ଫେରି ଯାଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏପରି ଲୋକମାନଙ୍କର ଅଲଗା ଗୋଟିଏ ତାଲିକା ପ୍ରସ୍ତୁତ କରନ୍ତୁ । ଯେଉଁମାନେ ଯମାତ୍ ସହିତ ତ ଅଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ବୟତ୍ ଫର୍ମରେ ଦସ୍ତଖତ କରିନାହାଁନ୍ତି । ସେମାନଙ୍କୁ ମାଲି କୁର୍‌ବାନୀରେ ସାମିଲ୍ କରନ୍ତୁ । ଅଳ୍ପ କିଛି କିଛି ଚାନ୍ଦା ତାଙ୍କଠାରୁ ନିଅନ୍ତୁ । ତବ୍‌ଶିର୍ ବିଭାଗକୁ ଏପରି ଲୋକମାନଙ୍କର ତାଲିକା ପଠାଇ ଦିଅନ୍ତୁ ଯେ ଏମାନେ ଏପରି ଲୋକ ଅଟନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ବୟତ୍ ଫର୍ମ ପୂରଣ କରିନାହାଁନ୍ତି । କିନ୍ତୁ ଏପରି ଲୋକମାନଙ୍କୁ ଯମାତ୍‌ର ଅଭିନ୍ନ ଅଙ୍ଗ ବନାଇବା ପାଇଁ ଚେଷ୍ଟା କରନ୍ତୁ ।

ପାମ୍ପ୍‌ଲେଟ୍‌ସ ବଂଟନ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କେବଳ ପାମ୍ପ୍‌ଲେଟ୍‌ସ ବଂଟନ କରିବାର ନାହିଁ ବରଂ ନୂଆ ନୂଆ ମାର୍ଗ ବାହାର କରନ୍ତୁ । ଶିକ୍ଷିତ ଯୁବକ ମାନଙ୍କୁ ଯମାତ୍‌ର ବାର୍ତା ପହଂଚାନ୍ତୁ ଏବଂ ସେମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରନ୍ତୁ । ନେତାମାନଙ୍କ ସହିତ ମିଶନ୍ତୁ, ସମ୍ପର୍କ ରଖନ୍ତୁ ଏବଂ ବିଭିନ୍ନ ଅବସରରେ ସେମାନଙ୍କୁ ଉପହାର ମଧ୍ୟ ଦିଅନ୍ତୁ । ସେହିପରି ଗରୀବ ଲୋକମାନଙ୍କର ମଧ୍ୟ ଧ୍ୟାନ ରଖନ୍ତୁ । ସେମାନଙ୍କୁ ସାହାଯ୍ୟ କରନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ କହିଲେ-ଏହା ବହୁତ ଧୈର୍ଯ୍ୟର କାର୍ଯ୍ୟ ଅଟେ । ବହୁତ ଡେରିରେ ଏହାର ଫଳ ମିଳେ । ସେଥିଯୋଗୁ ଥକିବ ନାହିଁ । ଯଦି ଥକିଯିବ ତେବେ ଜାଣ ଯେ ହାରିଗଲ । ମୁବଲ୍ଲିଗ୍ ସାହେବ୍ କହିଲେ ଯେ କିଛି ଲୋକ ବୟତ କରିବା ପରେ ପୁଣି ଦୂରେଇ ଯାଉଛନ୍ତି । ସେମାନଙ୍କୁ ଯମାତ୍ ସହିତ କିପରି ସମ୍ପର୍କ ସ୍ଥାପନ କରାଯାଇପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏପରି ଲୋକମାନଙ୍କର ଅସ୍ଥାୟୀ ଉତ୍ସାହ ଥାଏ । ତେଣୁ ଏପରି କୌଶଳ ଅବଲମ୍ବନ କର ଯେ ସେମାନଙ୍କର ଉତ୍ସାହ କାଏମ୍ ରହିବ । ନୂଆ ନୂଆ ପ୍ରୋଗ୍ରାମ୍ ହେଉ । ପ୍ରଥମେ କିଛି ମାସ ପର୍ଯ୍ୟନ୍ତ ତାଙ୍କର ତର୍‌ବିୟତ କର । ସେମାନଙ୍କ ଉପରେ ଧ୍ୟାନ ରଖ । ତା ପରେ ଯାଇ ବୟତ୍ ଫର୍ମକୁ ପୁରଣ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ-ଯମାତ୍‌ର ସଦସ୍ୟଙ୍କୁ ଏମ୍.ଟି.ଏ ସହିତ ଯୋଡ଼ିଦିଅ । ସାରା ଯମାତ୍ ଆପୋଷରେ ଏକ ମନ ଏକ ପ୍ରାଣ ହୋଇ ରହିବା ଉଚିତ୍ । ଆପଣ ନିଜେ ହିଁ ଯମାତ୍ ଭିତରେ ଏକତା ସୃଷ୍ଟି କରିବେ । ହଜରତ୍ ମସିହ୍ ମଉଦ୍ ଆ:ସଙ୍କର ଏହି ପଦ 'ବଦ୍‌ତର୍ ବନୋ ହର୍ ଏକ୍ ସେ ଅପନେ ଖୟାଲ୍ ମେ' ଏବଂ ଏହି ଏଲହାମ୍ 'ତେରି ଆଜିଜାନା ରାହେଁ ଉସ୍‌କୋ ପସନ୍ଦ ଆଇଁ' କୁ ସବୁବେଳେ ନିଜ ସମ୍ମୁଖରେ ରଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ-ସବୁ ଯମାତ୍‌ରେ ଏମ୍.ଟି.ଏ ର ବ୍ୟବସ୍ଥା ରହିବା ଉଚିତ୍ । ତା ନହେଲେ ମୋ ଭାଷଣ ଗୁଡିକର ରେକର୍ଡିଂ ଇତ୍ୟାଦି ଯୋଗାଇଦିଅ । ଲୋକମାନଙ୍କୁ ଏହା ଶୁଣିବାରେ ଅଭ୍ୟାସ ପକାନ୍ତୁ । ଏହିପରି ଖିଲାଫତ୍ ସହିତ ସେମାନଙ୍କର ସମ୍ପର୍କ ମଜବୁତ୍ ହେବ । ଏହାପରେ ପ୍ରୋଗ୍ରାମ୍ ମୁତାବକ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ଶ୍ରୀଲଙ୍କା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇଲେ । ମୁବଲ୍ଲିଗ୍ ସାହେବ୍ ଶ୍ରୀଲଙ୍କା କହିଲେ ଯେ ଶ୍ରୀଲଙ୍କାରେ କିଛି ଇଲାକାରେ ମୁରବୀମାନଙ୍କୁ ମୋଟର୍ ସାଇକେଲ୍‌ରେ ଯାତ୍ରା କରିବାକୁ ପଡୁଛି । ଯାତ୍ରା ନିମନ୍ତେ ଆଉ କୌଣସି ମାଧ୍ୟମ ନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶ୍ରୀଲଙ୍କାର ମୁରବୀମାନଙ୍କୁ ମୋଟର୍ ସାଇକେଲ୍ ଦେବାପାଇଁ ଏ ସର୍ତ ସହିତ ଅନୁମତି ଦେଲେ ଯେ ସେମାନେ ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବେ । ଏବଂ ସବୁ ପ୍ରକାରର ସୁରକ୍ଷା ବ୍ୟବସ୍ଥାକୁ ଆପଣାଇବେ । ଅଧିକ ବେଗରେ ଯିବେନାହିଁ । ଧିରେ ଧିରେ ଗାଡ଼ି ଚଳାଇବେ । ଶ୍ରୀଲଙ୍କାରେ ପାକିସ୍ତାନ୍‌ରୁ ଆସିଥିବା ଅହେମଦୀମାନେ ମଧ୍ୟ ବହୁ ସଂଖ୍ୟାରେ ଅଛନ୍ତି, ଯେଉଁମାନେ ସ୍ଥାନୀୟ ଭାଷା ଜାଣିନାହାଁନ୍ତି । ସେମାନଙ୍କ ଇଜିତିମା ପ୍ରୋଗ୍ରାମ୍ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଖୁଦାମ୍ ମାନଙ୍କର ନ୍ୟାସ୍‌ନାଲ୍ ଇଜିତିମା ଗୋଟିଏ ହେବ, ଯେଉଁଥିରେ ପାକିସ୍ତାନ୍‌ରୁ ଆସିଥିବା ଖୁଦାମ୍‌ମାନେ ଭାଗନେବେ । ଇଲ୍‌ମି ମୁକାବିଲା ପାଇଁ ଦୁଇଟି କାଟାଗୋରି ବନାନ୍ତୁ । ଅର୍ଥାତ୍ ପାକିସ୍ତାନ୍‌ରୁ ଆସିଥିବା ଖୁଦାମ୍‌ଙ୍କର ମୁକାବିଲା ଅଲଗା ହେଉ ଓ ସ୍ଥାନୀୟ ଖୁଦାଙ୍କର ମୁକାବିଲା ଅଲଗା ହେଉ । କାରଣ ସେମାନଙ୍କର ଭାଷା ଅଲଗା ଅଲଗା । କିନ୍ତୁ ଖେଳ ପାଇଁ ଯେଉଁ ମୁକାବିଲା ଅଛି ତାହା ଗୋଟିଏ ହେଉ । ସମସ୍ତେ ମିଶି ଭାଗ ନିଅନ୍ତୁ । ଉଦାହରଣ ସ୍ୱରୂପ ଯଦି କ୍ରିକେଟ୍‌ର ଦୁଇଟି ଟିମ୍ କରିବେ ତେବେ ଦୁଇଟିଯାକ ଟିମ୍‌ରେ ପାକିସ୍ତାନୀ ଓ ଶ୍ରୀଲଙ୍କାର ଖୁଦାମ୍‌ମାନେ ସାମିଲ୍ ହେବେ ।

ତର୍‌ବିୟତ୍ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ତର୍‌ବିୟତ୍ ପାଇଁ ଲୋକମାନଙ୍କ ଘରକୁ ଯାଆନ୍ତୁ । ଯଦି କେଉଁଠି ସୁଲାହ୍ କରିବାକୁ ହୁଏ, ଆପୋଷ ବୁଝାମଣା କରିବାକୁ ପଡ଼େ ତେବେ ସେଠାରେ ଖାଇବ ପିଇବ ନାହିଁ । କେଉଁ ପକ୍ଷକୁ ଏହା ଅନୁଭବ ନହେଉ ଯେ ଆପଣମାନଙ୍କର କୌଣସି ପକ୍ଷପ୍ରତି ବିଶେଷ ଆକୃଷ୍ଟ ଅଛନ୍ତି । ଯେକୌଣସି ପ୍ରକାର ହେଉ ମଧ୍ୟ ସୁଲହା କରାନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଜେଲି ତନ୍‌ଜିମ୍‌ର କାମରେ କୌଣସି ପ୍ରକାର ପ୍ରତିବନ୍ଧକ ରହିବା ଉଚିତ୍ ନୁହେଁ । ଖୁଦାମ୍‌ମାନେ ନିଜ ସୀମାରେ ରହି କାର୍ଯ୍ୟ କରନ୍ତୁ । ସେହିପରି ଅନ୍‌ସାର ଓ ଲଜ୍‌ନା ମାନେ ମଧ୍ୟ ନିଜ ନିଜର ପ୍ରୋଗ୍ରାମ୍ ଅନୁଷ୍ଠିତ କରନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମଜଲିସ୍ ଆମେଲାର ମିଟିଂ ହେଉ ବା ଅନ୍ୟ କୌଣସି ମିଟିଂ ହେଉ, ମିଟିଂ ସମୟରେ ଯଦି ନମାଜର ସମୟ ଆସିଯାଏ ଏବଂ ମିଟିଂ ଆହୁରି ଅଧିକ ସମୟ ପର୍ଯ୍ୟନ୍ତ ବାକି ରହେ ତେବେ ପ୍ରଥମେ ନମାଜ ପଢ଼ନ୍ତୁ ଏବଂ ପୁଣି ନିଜର ମିଟିଂକୁ ଜାରି ରଖନ୍ତୁ । ଏହାପରେ ପ୍ରୋଗ୍ରାମ୍ ମୁତାବକ ପାକିସ୍ତାନ୍‌ରୁ ଆସିଥିବା କିଛି ମର୍କଜି ଓ୍ୱହ୍‌ଦାଦାର୍‌ମାନେ ମଧ୍ୟ ଜଣଜଣ ହୋଇ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଓ୍ୱହ୍‌ଦାଦାର୍‌ମାନଙ୍କ ମଧ୍ୟରେ ନାଜିର୍ ସାହେବ୍ ଜିଆଫତ୍, ସଦର୍ ମଜଲିସ୍ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନ୍ ଏବଂ ସେକ୍ରେଟାରୀ ସୟଦ୍‌ନା ବେଲାଲ୍ କମିଟି ମଧ୍ୟ ସାମିଲ୍ ଥିଲେ ।

## ଏକାକୀ ଓ ପାରିବାରିକ ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୭:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ସଦସ୍ୟମାନେ ଓ ପରିବାର ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ଆରମ୍ଭ କଲେ । ଆଜି ୩୫ଟି ଫ୍ୟାମିଲିରୁ ୧୭୫ ଜଣ ଲୋକ ଏବଂ ଏତଦ୍‌ବ୍ୟତୀତ ୨୦ଜଣ ଜଣକିଆ ଲୋକେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୧୯୫ ଜଣ ଲୋକ ସାକ୍ଷାତ୍‌କାର୍ କରିବାର ସୁଯୋଗ ପାଇଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୨ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ସ୍ପେନ୍, ଦୁବାଇ, ଅବୁଧାବି, ୟୁ.କେ, ଇଣ୍ଡିଆ, ଜର୍ମାନୀ, ବଙ୍ଗଳାଦେଶ, ନାଇଜେରିଆ, ହଲାଣ୍ଡ, ସ୍ୱିଡେନ୍, ଆଇସଲାଣ୍ଡ, ବଲିଭିଆ, ମେକ୍‌ସିକୋ, ଜାମାଇକା, ଇଣ୍ଡୋନେସିଆ, ଫିଲିପାଇନ୍, ଆୟାରଲାଣ୍ଡ ଓ ସୁଇଜରଲାଣ୍ଡ ।

ଏମାନଙ୍କ ମଧ୍ୟରୁ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପିଲାମାନଙ୍କ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସଜିଦ୍ ଫଜଲ୍ ଲଣ୍ଡନ୍‌ରେ ପଦାର୍ପଣ କରି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ । କ୍ରମଶଃ...

(ବହୱାଲା ଅଖବାର୍ ବଦର୍ ୧ ଫେବୃଆରୀ ୨୦୧୮)

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ସଭାପତି ମହୋଦୟ ସ୍ଥାନୀୟ ରୂପେ ଉଦ୍‌ଯାପନୀ ପ୍ରାର୍ଥନା କରାଇଲେ ।

ତାପରେ ଷ୍ଟେଜ୍ ଓ ଜଲ୍‌ସାଗାଃରେ ଦର୍ଶକବୃନ୍ଦ ନିଜ ନିଜ ସ୍ଥାନରେ ବସି ରହିଲେ, ଯଦ୍ୱାରା ସେମାନେ ଏମ୍.ଟି.ଏ ଜରିଆରେ ପ୍ରସାରଣ ହେବାକୁ ଥିବା ନିଜ ପ୍ରିୟ ଇମାମ୍‌ଙ୍କ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ଲାଇଭ୍ ଅଭିଭାଷଣ ଶୁଣିପାରିବେ । ଅଭିଭାଷଣ ସମୟରେ ସମ୍ପୂର୍ଣ୍ଣ ଜଲ୍‌ସାଗାଃଟି ଦର୍ଶନଙ୍କ ଦ୍ୱାରା ଭରି ରହିଥିଲା । ଲଣ୍ଡନ୍‌ରୁ ଜଲ୍‌ସାର ସିଧା ପ୍ରସାରଣ ପୂର୍ବରୁ ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଇଂଟର୍ ନ୍ୟାସ୍‌ନାଲ୍ ଦ୍ୱାରା କାଦିଆନ୍ ଓ ତାର ପବିତ୍ର ସ୍ଥାନ ଗୁଡିକ ଉପରେ ପରିବେଷ୍ଟିତ ଏକ ଅତ୍ୟନ୍ତ ସୁନ୍ଦର ଡକୁମେଂଟାରୀ ପ୍ରସାରଣ କରାଗଲା । ଏଥିରେ ଦାରୁଲ୍ ମସିହ୍, ମସ୍‌ଜିଦ୍ ମୁବାରକ୍, ମସ୍‌ଜିଦ୍ ଅକ୍‌ସା ଓ ମିନାରତୁଲ୍ ମସିହ୍‌କୁ ଆଲୋକରେ ସୁସଜ୍ଜିତ ହୋଇଥିବାର ଏକ ମନୋରମ ଦୃଶ୍ୟ ପ୍ରସାରଣ କରାଗଲା । ତତ୍ ସହିତ ଏହି ସ୍ଥାନ ଗୁଡିକର ଗୁରୁତ୍ୱ ଓ ବର୍‌କାତ୍ ବିଷୟରେ ବହୁତ ସୁନ୍ଦର ରୂପେ ଆଲୋକପାତ କରାଗଲା । ଏତଦ୍‌ବ୍ୟତୀତ ବେହଶ୍‌ତି ମକ୍‌ବରା ଓ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର କବର ଓ *ମକାମେ ଜୋହୁରେ କୁଦ୍‌ରତେ ସାନିଆ* (ଦ୍ୱିତୀୟ କୁଦ୍‌ରତ୍ ପ୍ରକାଶ ହେବାର ସ୍ଥାନ) ର ମଧ୍ୟ ଅତ୍ୟନ୍ତ ସୁନ୍ଦର ଓ ମନୋରମ ଦୃଶ୍ୟ ପ୍ରସାରଣ କରାଗଲା ଓ ସେଗୁଡିକ ବିଷୟରେ ସମ୍ୟକ୍ ଧାରଣା ଦିଆଗଲା । ଡକୁମେଂଟାରୀର ଶେଷରେ ଏ ଜଲ୍‌ସାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଂକ୍ଷିପ୍ତ ଦୃଶ୍ୟପଟ ପ୍ରସାରଣ ହେଲା । କାଦିଆନ୍ ଦାରୁଲ୍ ଅମାନ୍ ଠାରେ ଜଲ୍‌ସା ସାଲାନା ଦିନ ଗୁଡିକରେ ଦିବା ରାତ୍ରିର କାର୍ଯ୍ୟକ୍ରମ ଗୁଡିକୁ ବହୁତ ସୁନ୍ଦର ରୂପେ ପରିବେଷଣ କରାଗଲା ।

ଏହାପରେ ଏମ୍.ଟି.ଏ ଦ୍ୱାରା ଲାଇଭ୍ ପ୍ରୋଗ୍ରାମ୍ ଆରମ୍ଭ ହେଲା । ହଜୁର୍ ଅନୁଓ୍ୱର୍ ବଇତୁଲ୍ ଫତୁହ୍ ଠାରେ ଷ୍ଟେଜ୍‌ର ଶୋଭାମଣ୍ଡନ କଲେ । ଲଣ୍ଡନ୍‌ରେ ମଧ୍ୟ ୫୦୦୦ରୁ ଅଧିକା ଲୋକେ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଶୁଣିବାର ପ୍ରତିକ୍ଷାରେ ଉପସ୍ଥିତ ଥିଲେ ।

ତିଲାଓ୍ୱତେ କୁରୁଆନ୍ କରିମ୍ ମୋକରମ୍ ଅବ୍‌ଦୁଲ୍ ମୋମିନ୍ ତାହେର୍ ସାହେବ୍ କଲେ । ସେ ସୁରା ଆଲେ ଇମ୍‌ରାନ୍‌ର ଆୟତ ନଂ ୧୦୩-୧୦୮ ତିଲାଓ୍ୱତ୍ କରିଲେ ଓ ଏହାର ଅନୁବାଦ ମଧ୍ୟ ଶୁଣାଇଲେ । ଏହାପରେ ମୋକରମ୍ ସୟଦ୍ ଆଶିକ୍ ହୁସେନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଫାର୍ସୀ ମଞ୍ଜୁମ୍ କଲାମ୍ -

*ଯାନୋ ଦିଲମ୍ ଫିଦାଏ*
*ଜମାଲେ ମୁହମ୍ମଦ୍ ଅସ୍‌ତ୍*
*ଖାକମ୍ ନିସାରେ କୁଚାଏ*
*ଆଲେ ମୁହମ୍ମଦ୍ ଅସ୍‌ତ୍*

ବହୁତ ସୁନ୍ଦର ସ୍ୱରରେ ଶୁଣାଇଲେ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ମଧ୍ୟ ପଢ଼ି ଶୁଣାଇଲେ । ଏହାପରେ ସୟଦ୍‌ନା ମସିହ୍ ପାକ୍ ଆ:ସଙ୍କ ପବିତ୍ର ଉର୍ଦ୍ଦୁ ମଞ୍ଜୁମ୍ କଲାମ୍ -

*ହର୍ ତରଫ୍ ଫିକ୍‌ର୍ କୋ*
*ଦୌଡା କେ ଥକାୟା ହମ୍‌ନେ*

ରୁ କିଛି ପଦ ମୋକରମ୍ ଅବ୍‌ଦୁଲ୍ ହଫିଜ୍ ସାହେବ୍ ଲଳିତ ସ୍ୱରରେ ପରିବେଷଣ କଲେ ।

ହଜୁର୍ ଅନୁଓ୍ୱର୍ ଅଭିଭାଷଣ ପାଇଁ ଛିଡ଼ା ହେବା କ୍ଷଣି ଜଲ୍‌ସାଗାଃ କାଦିଆନ୍‌ର ପରିବେଶ ନାରାଏ ତକ୍‌ବୀର୍ ଅଲ୍ଲାହୁ ଆକ୍‌ବର୍ ର ଗଗନଚ୍ଛୁମ୍ବି ଧ୍ୱନି ଗୁଞ୍ଜରଣ ହୋଇ ଉଠିଲା । ତଶହୁଦ୍, ତଉଜ ଏବଂ ସୁରା ଫାତେହାର ତିଲାଓ୍ୱତ୍ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅହେମଦୀୟତ୍‌ର ବିରୋଧିମାନେ ଏହି ଆରୋପ୍ ଲଗାଉଛନ୍ତି ଓ ବର୍ତମାନ ଏହି ଆରୋପ ବହୁତ ଗମ୍ଭୀର ରୂପେ ଲଗାଯାଉଛି ଯେ ତାଙ୍କ ଭାବନାରେ ଯମାତ୍ ଅହେମଦୀୟାକୁ ଇସ୍‌ଲାମ୍‌ର ପରିଧି ବାହାରେ ଏଥିଯୋଗୁ କରାଯାଉଛି ଯେ ନଉଜୁବିଲ୍ଲା ଯମାତ୍ ଅହେମଦୀୟା ଖତ୍‌ମେ ନବୁଓ୍ୱତ୍‌ର ବିଶ୍ୱାସକୁ ପ୍ରତ୍ୟାଖ୍ୟାନ୍ କରୁଅଛି । ଏହା ବହୁତ ବଡ଼ ମିଥ୍ୟା ଅଟେ । ଏହା ଏପରି ଏକ ଆରୋପ ଯାହା ସହିତ ଯମାତ୍‌ର କୌଣସି ପ୍ରକାର ସମ୍ପର୍କ ନାହିଁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚାପ୍ରେମୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଏହା ବତାଇଛନ୍ତି ଯେ ଯେଉଁ ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ (ନବୀଶ୍ରେଷ୍ଠ) ବୋଲି ମାନେନାହିଁ ସେ ହେଉଛି କାଫିର୍ ଓ ଇସ୍‌ଲାମ୍‌ର ପରିଧିର ବାହାରେ । ଏହା ଅତ୍ୟନ୍ତ ମୁର୍ଖତାପୂର୍ଣ୍ଣ ଆରୋପ ଅଟେ ଯାହା ଯମାତ୍ ଅହେମଦୀୟା ଉପରେ ଲଗାଯାଉଅଛି । ଗୋଟିଏ ପଟେ ଆମେ ନିଜକୁ ମୁସଲ୍‌ମାନ୍ କହୁଅଛୁ ଓ ଅନ୍ୟପଟେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କର ବାକ୍ୟ ମୁତାବକ ଖତ୍‌ମେ ନବୁଓ୍ୱତ୍‌ର ବିଶ୍ୱାସକୁ ନମାନି କାଫିର୍ ହୋଇଯିବୁ । ଏହା କିପରି ହୋଇପାରିବ ? କିନ୍ତୁ ମୁସଲ୍‌ମାନ୍ ମାନଙ୍କୁ ଡରାଇ ଦିଆଯାଉଅଛି ସେଥିଯୋଗୁ ସେମାନେ ଭାବିବା ଓ ଶୁଣିବା ନିମନ୍ତେ ପ୍ରସ୍ତୁତ ନୁହଁନ୍ତି । ଯେଉଁମାନେ ଚିନ୍ତା କରୁଛନ୍ତି ଏବଂ କଥା ଶୁଣୁଛନ୍ତି ସେମାନେ ଏକଥା ଜାଣୁଛନ୍ତି ଯେ ବାସ୍ତବରେ ଅହେମଦୀ ମୁସଲ୍‌ମାନ୍ ହିଁ ପ୍ରକୃତ ମୁସଲ୍‌ମାନ୍ ଅଟନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆଁ ହଜ୍‌ରତ୍‌ଙ୍କ ସଚ୍ଚା ପ୍ରେମୀ ମେହ୍‌ଦୀ ମାହୁଦ୍‌ଙ୍କୁ ମାନି ଆମେ ନବୀ କରିମ୍ ସ:ଆ:ସଙ୍କ ପ୍ରକୃତ ପଦମର୍ଯ୍ୟାଦାକୁ ଚିହ୍ନିପାରିବୁ । ଏ ଉପମହାଦେଶର ତଥାକଥିତ ଓ୍ୱଲେମାମାନେ ନିଜ ସ୍ୱାର୍ଥ ହାସଲ କରିବା ଓ ନିଜର ମୁର୍ଖତାକୁ ଲୁଚାଇବା ନିମନ୍ତେ ବହୁତ ଚେଷ୍ଟା କରୁଛନ୍ତି । ଯେଣତେଣ ପ୍ରକାରେ ମୁସଲ୍‌ମାନ୍ ମାନଙ୍କୁ ଅହେମଦୀମାନଙ୍କ ନିକଟତର କରାଇ ଦିଆନଯାଉ ଏବଂ ଏହି କାମ ସଂସାରର ଅନ୍ୟ ଦେଶଗୁଡିକରେ ମଧ୍ୟ ସେମାନେ କରୁଛନ୍ତି ଓ ଲୋକମାନଙ୍କୁ ଲୋଭଗ୍ରସ୍ତ କରାଉଛନ୍ତି । କିନ୍ତୁ ସେହି ମୁସଲ୍‌ମାନ ମାନେ ଯେଉଁମାନଙ୍କୁ ପ୍ରଥମେ ଇସ୍‌ଲାମ୍ ବିଷୟରେ କିଛି ମଧ୍ୟ ଜଣାନଥିଲା ଓ ସେମାନେ ଅହେମଦୀୟତ୍ ମାଧ୍ୟମରେ ପ୍ରକୃତ ଇସ୍‌ଲାମ୍‌କୁ ଶିଖିଲେ, ସେମାନେ ବର୍ତମାନ ଉକ୍ତ ଓ୍ୱଲେମାମାନଙ୍କୁ ଉତର ଦେଉଅଛନ୍ତି । ଏବଂ ନିଜ ବିଶ୍ୱାସରେ ଦୃଢ଼ ଅଛନ୍ତି । ସେମାନେ ମୌଲବୀ ମାନଙ୍କୁ ଉତର ଦେଲେ ଯେ ଏପର୍ଯ୍ୟନ୍ତ ତୁମମାନଙ୍କର ହୋସ୍ ନଥିଲା । ଆଜି ଯମାତ୍ ଅହେମଦୀୟା ଆମକୁ ଦୀନ୍ ଶିଖାଇଲା ଓ ପବିତ୍ର କୋରାନ୍ ପଢ଼ାଇବା ଶିଖାଇଲା । ଏବେ ତୁମକୁ ଚିନ୍ତା ଘାରିଲା । ତେଣୁ ଏଠାରୁ ଚାଲିଯାଅ, ଆମେ ତୁମ କଥାକୁ ମାନିବୁ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଏହି ମାନବୀୟ ଯୋଜନା ଖୁଦାଙ୍କ ଯୋଜନା ସମ୍ମୁଖରେ ତିଷ୍ଠି ରହିପାରିବ ନାହିଁ । ଖୁଦାତାଲାଙ୍କର ଏ ନିୟତି ଯେ ସେ ଅହେମଦୀୟତ୍‌କୁ ଉନ୍ନତି ଦେବ । ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଐଶିବାଣୀ ଦ୍ୱାରା କହିଥିଲା ଯେ- *ମେ ତୁଝେ ଇଜ୍ଜତ୍ ଦୁଙ୍ଗା ଅଓର ବଢ଼ାଉଙ୍ଗା* ଅର୍ଥାତ୍ ମୁଁ ତତେ ସମ୍ମାନ ଦେବି ଓ ଉନ୍ନତି କରାଇବି । ପ୍ରତ୍ୟେକ ଦିନ ଆମେ ଏହି ଦୃଶ୍ୟ ଦେଖୁଅଛେ । ଅହେମଦୀୟତ୍‌ର ବିରୋଧି ବହୁତ ଚେଷ୍ଟା କରୁଛନ୍ତି । ଏବଂ ଅହେମଦୀଙ୍କ ବିଷୟରେ ଚାରିଆଡ଼େ ଏହା କହୁଛନ୍ତି ଯେ ଏମାନେ ଇସ୍‌ଲାମ୍‌ର ମୁଳ ବିଶ୍ୱାସ ଗୁଡିକୁ ମାନୁନାହାଁନ୍ତି ବୋଲି, ଏହା କହିବା ସତ୍ୱେ ମଧ୍ୟ ହଜାର ହଜାର ଲୋକେ ଅହେମଦୀୟତ୍‌ରେ ସାମିଲ୍ ହେଉଛନ୍ତି । ମୁସଲ୍‌ମାନ ମାନଙ୍କ ମଧ୍ୟରୁ ସାମିଲ୍ ହେଉଛନ୍ତି । କିଛି ଲୋକ ଆମକୁ ଜାଣିନାହାଁନ୍ତି କିନ୍ତୁ ଚେଷ୍ଟା କରି ଆମ ସହିତ ସମ୍ପର୍କ ରଖୁଛନ୍ତି । ବର୍ତମାନ ଯୁଗରେ ହୋଇଥିବା ଉନ୍ନତି ଏହି ତବ୍‌ଲିଗ୍‌କୁ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିଛି । ବିରୋଧିମାନଙ୍କର ଭାଷଣ ଏବଂ ଭୁଲ୍ କଥା ଯାହା ସବୁ ସୋସିଆଲ୍ ମିଡିଆରେ ପ୍ରସାରଣ କରାହେଉଛି ଏବଂ ପରିବେଶରେ ଯେଉଁ ସବୁ ଖରାପ କାର୍ଯ୍ୟ କରୁଛନ୍ତି, ସେମାନଙ୍କର ଏହି କଥା ଯୋଗୁ ଅନେକ ପୁଣ୍ୟ ପ୍ରକୃତିର ଲୋକେ ଆମ ନିକଟକୁ ଆସୁଛନ୍ତି । ଏହା ହେଉଛି ଅଲ୍ଲାଃତାଲାଙ୍କ କାର୍ଯ୍ୟ ଯାହାକୁ ମଣିଷ ରୋକିପାରିବ ନାହିଁ । ଆଜି ଏହି ଜଲ୍‌ସା ଯାହା ସାରା ଦୁନିଆରେ ପ୍ରସାରଣ କରାଯାଉଛି ଏହା ମଧ୍ୟ ଖୁଦାତାଲାଙ୍କର ଅନୁଗ୍ରହର ପ୍ରମାଣ ଅଟେ । ନଚେତ୍ ଆମର ସାଧନଗୁଡିକ ଦେଖନ୍ତୁ ତ ଏହା ଅସମ୍ଭବ ଯେ ଇସ୍‌ଲାମ୍‌ର ବାସ୍ତବିକ ବାର୍ତାକୁ ଦୁନିଆର କୋଣ ଅନୁକୋଣରେ ଆମେ ପହଂଚାଇପାରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ପବିତ୍ର କୋରାନ୍‌ର ନିର୍ଦ୍ଦେଶ୍ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ବନାଇଛି । ଏବଂ ଅଲ୍‌ୟୋମା ଅକ୍‌ମଲ୍‌ତୁ ଲକୁମ୍ ଦୀନକୁମ୍‌ର ନିର୍ଦ୍ଦେଶ ଦେଇଛି । ବର୍ତମାନ ଇସ୍‌ଲାମ୍ ହିଁ ସେହି ପସନ୍ଦଯୋଗ୍ୟ ଧର୍ମ ଓ ଖୁଦାଙ୍କ ପୈଗମ୍ବର୍ ସ:ଆ:ସଙ୍କ ପୁଣ୍ୟ କର୍ମର ମାର୍ଗକୁ ଛାଡ଼ିଦେଇ ଅନ୍ୟ କୈଣସି ରାସ୍ତା ଗ୍ରହଣ କରିବା ବିଦ୍‌ଅତ୍ ଅଟେ । ସାଧାରଣତଃ ଗଏର୍ ଅହେମଦୀ ମୁସଲ୍‌ମାନ୍‌ମାନେ ବିଦ୍‌ଅତ୍‌ର ମାର୍ଗକୁ ଆପଣେଇଛନ୍ତି । ଏବଂ ଭୁଲେ ଶାହାଙ୍କ କିଛି ପଦକୁ ମନେରଖିଦେବାକୁ ଯଥେଷ୍ଟ ଭାବିନେଇଛନ୍ତି । ନମାଜରେ କୌଣସି ମଜା ପାଉନାହାଁନ୍ତି । ନିଜର ଓ୍ୱଜିଫେ (କିଛି କାର୍ଯ୍ୟଶୈଳୀ) କାଏମ୍ କରିଛନ୍ତି ଓ ପଗଡ଼ିକୁ ବାହାର କରି ଫିଙ୍ଗି ଦେଉଛନ୍ତି । ଏହା କଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ହେଉଥିଲା । ଏ ସବୁ କଥା ଆଜିକାଲି ମଧ୍ୟ ମଜ୍‌ଲିସ୍‌ରେ ହେଉଅଛି । ପୁଣି ହଜ୍‌ରତ୍ ଆ:ସ କହୁଛନ୍ତି:- ମୋ ଉପରେ ଆରୋପ ଲଗାଉଛନ୍ତି ଯେ ଇଏ ନବୁଓ୍ୱତ୍‌ର ଦାବି କରିଛି ବୋଲି, ଯେପରି ମୁଁ କୌଣସି ମୁସ୍ତକିଲ୍ ନବୀର ଦାବି କରିଦେଇଛି । ପୁଣି କହିଲେ ମୋର ଦାବି ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶରିୟତ୍ ଉପରେ ଅମଲ କରିବା ଓ କରାଇବା । କିନ୍ତୁ ତୁମେମାନେ ଦେଖୁନାହଁ କି ମିଥ୍ୟା ନବୁଓ୍ୱତ୍ ତୁମେ ନିଜେ ହିଁ ବନାଇଛ । ରସୁଲ୍ ଓ କୋରାନ୍ ବିରୋଧି ନୁଆ ନୁଆ ଜପ ଉଦ୍‌ଭାବନ କରିଛ । ନ୍ୟାୟର ସହିତ କୁହ ଯେ ଆମେ ଇସ୍‌ଲାମୀୟ ଶିକ୍ଷାରେ କିଛି କମ୍ କରିଛୁ ନା ତୁମେମାନେ କରିଅଛ । ପୀର୍ ଓ ଫକୀର ମାନଙ୍କ କବରରେ ଯାଇ ସଜ୍‌ଦା କରୁଛ । ପୁଣି ସେ କହିଲେ:- ମୋ ଉପରେ ଆରୋପ ନ ଲଗାଇ ନିଜ ଅବସ୍ଥାକୁ ଦେଖ ।

ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସ୍ଥାନ ଓ ପଦମର୍ଯ୍ୟାଦା ବିଷୟରେ ବର୍ଣ୍ଣନା କରି କହୁଛନ୍ତି:- ନିଶ୍ଚିତ ରୂପେ ମନେରଖ ଯେ ସେ ପର୍ଯ୍ୟନ୍ତ କେହି ସଚ୍ଚା ମୁସଲମାନ୍ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ରୂପେ ବିଶ୍ୱାସ ନକରିଛି । ଯେପର୍ଯ୍ୟନ୍ତ ନବ ଉତ୍ପନ୍ନ ପ୍ରଥାରୁ ଅଲଗା ନ ହୋଇଛି ଓ କର୍ମ ଓ ବଚନରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ରୂପେ ମାନୁନାହିଁ ତେବେ କିଛି ନାହିଁ । ଆମର କାର୍ଯ୍ୟ ହେଉଛି ସମସ୍ତ ମିଥ୍ୟା ନବୁଓ୍ୱତ୍‌କୁ ଖଣ୍ଡ ଖଣ୍ଡ କରିଦିଆଯାଉ । ସବୁ ପୀର୍ ମାନଙ୍କୁ ଦେଖିନିଅ ଏବଂ ନିଜେ ଏହାକୁ ଅବଲୋକନ ମଧ୍ୟ କରିନିଅ । କଣ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନବୁଓ୍ୱତ୍ ଉପରେ ଇମାନ୍ ଆଣୁଅଛେ ବା ନୁହେଁ? ପୁଣି କହିଲେ ଏହା ଅତ୍ୟାଚାର ଓ ଧୃଷ୍ଟତାର କଥା ଅଟେ ଯେ ମୁହଁରୁ ତ ଖାତମୁନ୍ ନବୀଇନ୍‌କୁ ମାନିନେବା କିନ୍ତୁ ତା ଉପରେ ଅମଲ ନକରିବା । ଯେପରି ବାଗ୍‌ଦାଦୀ ନମାଜ ମାକୁସ୍ ଇତ୍ୟାଦି ବିଦ୍‌ଆତ୍ (ପ୍ରଥା) ଉଦ୍‌ଭାବନ କରିନେଇଛି । ୟା ଶେଖ୍ ଅବ୍‌ଦୁଲ୍ କାଦିର୍ ଜିଲାନି ଶଇଅନ୍ ଦ୍ୱାରା କୌଣସି ପ୍ରମାଣ ଅଲ୍ଲାଃଙ୍କର ମିଳୁଅଛି କି ? ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ତ ଅବ୍‌ଦୁଲ୍ କାଦିର୍ ଜିଲାନୀଙ୍କ ଅସ୍ତିତ୍ୱ ମଧ୍ୟ ନଥିଲା । ସେ କହିଲେ ଲଜ୍ଜା କରନ୍ତୁ ! ଏହା କଣ ଶରୀୟତ୍ ଇସ୍‌ଲାମ୍‌ର କୌଣସି ମାର୍ଗ ଅଟେ ? ଏବେ ନିଜେ ହିଁ ଫଇସଲା କର ଯେ ଏହି ସବୁ କଥାଗୁଡିକ ଉପରେ ବିଶ୍ୱାସ ଆଣି ଏହା ଉପରେ ଅମଲ କରି ତୁମେମାନେ ମୋ ଉପରେ ଆରୋପ

ଲଗାଉଛ ଯେ ମୁଁ ଖତ୍‌ମେ ନବୁୱ୍ୱତ୍‌ର ମୋହର୍‌କୁ ଭାଙ୍ଗିଦେଇଛି ବୋଲି । ପ୍ରକୃତ ଓ ସତ୍ୟ କଥା ଏହା ଅଟେ ଯେ ଯଦି ତୁମେ ନିଜ ମସ୍‌ଜିଦ୍ ଗୁଡିକରେ ବିଦ୍‌ଆତ୍‌କୁ ଦାଖଲ ନକରିଥାନ୍ତ ଏବଂ ଖାତମୁନ୍ ନବୀଇନ୍ ସ:ଆ:ସଙ୍କ ସତ୍ୟ ନବୁୱ୍ୱତ୍ ଉପରେ ଇମାନ୍ ଆଣି ଆପଣ ସ:ଆ:ସଙ୍କ ବତାଇଥିବା କାର୍ଯ୍ୟଶୈଳୀ ଓ ଆପଣଙ୍କ ଅନୁସରଣ କରି ଆପଣଙ୍କୁ ଇମାମ୍ ବନାଇ ଚାଲୁଥାଆନ୍ତେ ତେବେ ମୋର ଆସିବାର କୌଣସି ଆବଶ୍ୟକ ନଥାନ୍ତା । ତୁମମାନଙ୍କର ଏହି ଉପରୋକ୍ତ ପ୍ରଥା ଓ ନୂଆ ନବୁୱ୍ୱତ୍ ଖୁଦାଙ୍କ ଗଏରତ୍ (ସ୍ୱାଭିମାନ୍)କୁ ଉକ୍‌ସାଇଲା ଯେ ରସୁଲୁଲ୍ଲା ସ:ଆ:ସଙ୍କ ସ୍ୱରୂପରେ ଜଣେ ବ୍ୟକ୍ତିଙ୍କୁ ଖୁଦା ପ୍ରକଟ କରିବେ ଯିଏ ଉକ୍ତ ମିଥ୍ୟା ନବୁୱ୍ୱତ୍‌ର ଭୁତକୁ ଭାଙ୍ଗି ଧ୍ୱଂସ କରିଦେବ । ସୁତରାଂ ଏହିସବୁ କାର୍ଯ୍ୟ ନିମନ୍ତେ ଖୁଦା ମୋତେ ନିଯୁକ୍ତି ଦେଇ ପ୍ରେରଣ କରିଛନ୍ତି ।

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଆବିର୍ଭାବ ଓ ଜମାତ୍ ସ୍ଥାପନର ଉଦ୍ଦେଶ୍ୟକୁ ବର୍ଣ୍ଣନା କରି କହୁଛନ୍ତି-ଆମ ଯମାତ୍ ଏଥିଯୋଗୁ ସ୍ଥାପନ କରାଯାଇଛି ଯେ ଯଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସ ନବୁୱ୍ୱତ୍‌କୁ ଜୀବିତ କରାଯାଇପାରିବ । ମଦିନା ତୟବା (ପବିତ୍ର ମଦିନା) ତ ଯାଉନାହଁ କିନ୍ତୁ ଅଜ୍‌ମୀର୍ ଓ ଅନ୍ୟାନ୍ୟ ଖାନ୍‌କା ଗୁଡିକୁ ଖୋଲା ମୁଣ୍ଡ ଓ ଖୋଲା ପାଦରେ ପରିକ୍ରମଣ ପାଇଁ ଯାଉଅଛ । ପାକ୍ ପତନ୍‌ର ଝରକା ଦେଇ ପାରି ହେଇଯିବା ନଜାତ୍ (ମୋକ୍ଷ) ପାଇବା ପାଇଁ ଯଥେଷ୍ଟ ଭାବୁଅଛ । କିଏ ଏକ ପତାକା ବନାଇ ରଖିଛି ତ ଆଉ କିଏ କୌଣସି ରୂପକୁ ଗ୍ରହଣ କରିଅଛି । ଏହି ଲୋକମାନଙ୍କର ଉରୁସ୍ ଓ ମେଳାଗୁଡିକୁ ଦେଖି ଜଣେ ସଚ୍ଚା ମୁସଲ୍‌ମାନ୍‌ର ହୃଦୟ କମ୍ପିଯାଉଛି ଯେ ଏମାନେ କଣ ତିଆରି କରି ରଖିଛନ୍ତି । ଯଦି ଅଲ୍ଲାଃତାଲାଙ୍କର ଦୀନ୍ ପ୍ରତି ସ୍ୱାଭିମାନ ନଥାନ୍ତା ଓ ଖୁଦାଙ୍କ ବାଣୀ *ଇନ୍ନା ନାହ୍‌ନୋ ନଜ୍ଜଲ୍‌ନା ଅଜ୍‌ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନ୍* ନଥାନ୍ତା ତେବେ ଇସ୍‌ଲାମ୍‌ର ବର୍ତମାନ ଏପରି ଅବସ୍ଥା ହୋଇସାରିଥାନ୍ତା ଯେ ସେ ଧ୍ୱଂସ ହୋଇଯାଇଥାନ୍ତା । କିନ୍ତୁ ସୁରକ୍ଷାର ପ୍ରତିଶୃତି ହିଁ ରସୁଲୁଲ୍ଲା ସ:ଆ:ସଙ୍କ ବରୋଜ (ପ୍ରତିରୂପ)କୁ ଅବତୀର୍ଣ୍ଣ କରିବ ଓ ତାଦ୍ୱାରା ଏ ଯୁଗରେ ନବୁୱ୍ୱତ୍‌କୁ ଜିବୀତ କରାଇବ । ସୁତରାଂ ସେ (ଖୁଦା) ମୋତେ ମାମୁର୍ ରୂପେ ପ୍ରେରଣ କରିଛନ୍ତି । ହଜୁର୍ ଅନୁୱ୍ୱର୍ ପୁଣି କହିଲେ:- ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ସ:ଆ:ସଙ୍କୁ ନିଜ ପ୍ରିୟ ସ:ଆ:ସଙ୍କ ଦୀନ୍ ଓ ଦୁନିଆ (ଧର୍ମ ଓ ସଂସାର) ରେ ପ୍ରକୃତ ଅବସ୍ଥାରେ ସ୍ଥାପନ କରିବା ନିମନ୍ତେ ଓ ପ୍ରସାର ଓ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଯାଇଛି । ଏହାକୁ ଦୁନିଆର କୌଣସି ସରକାରଙ୍କ ଦ୍ୱାରା ଲଗା ଯାଇଥିବା ପ୍ରତିବନ୍ଧକ ଓ ଅଶିଷ୍ଟ ବ୍ୟବହାର ପ୍ରଚାର ପ୍ରସାରରୁ ରୋକି ପାରିବେ ନାହିଁ । ଆମେ ହିଁ ଅଟୁ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଦାସଙ୍କ ଶିକ୍ଷା ମୁତାବକ ତାଙ୍କର ମିଶନ୍‌କୁ ଜାରି ରଖି ୨୧୦ ଟି ଦେଶରେ ଖାତମୁନ୍ ନବୀଇନ୍‌ର ଝଣ୍ଡା (ପତାକା) ଉତୋଳନ କରିଅଛୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଆଜି ବିରୋଧୀମାନଙ୍କର କଥା ଯୋଗୁ ପ୍ରତ୍ୟେକ ଅହେମଦୀଙ୍କ ଉପରେ ଏ ଦାୟିତ୍ୱ ନ୍ୟସ୍ତ ହେଉଛି ଯେ ସେମାନେ ନିଜର ବିଶ୍ୱାସ ଓ କାର୍ଯ୍ୟର ଅବସ୍ଥାରେ ଏପରି ଏକ ପରିବର୍ତନ ଆଣନ୍ତୁ ଯାହା ସେମାନଙ୍କୁ ଖୁଦାଙ୍କ ନିକଟବର୍ତୀ କରିଦେବ । ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଯଦି ସ୍ୱର୍ଗର ଖୁଦାଙ୍କ ସହିତ ଆମର ସମ୍ପର୍କ ଅଛି ତେବେ ଏ ମର୍ତ୍ୟ ପୃଷ୍ଠରେ ହେଉଥିବା ବିରୋଧ ଆମର କିଛି ବିଗାଡ଼ି ପାରିବ ନାହିଁ । ତେଣୁ ନିଶ୍ଚିତ ରୂପେ ସେ ଦିନ ଆସିବାକୁ ଅଛି ଯେତେବେଳେ ଏହି ବିରୋଧ ପବନରେ ଉଡ଼ିଯିବ ଏବଂ ବିରୋଧିମାନେ ମୁହଁମାଡି ତଳେ ପଡ଼ିଯିବେ ଓ ଉକ୍ତ ପ୍ରତିଶୃତି ପୂରଣ ହେବ । ସେଥିପାଇଁ ଆମକୁ ଆମ ଭିତରେ ଏକ ପରିବର୍ତନ ଆଣିବାକୁ ହେବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜର ସାରଗର୍ଭକ ଭାଷଣର ଶେଷରେ କହିଲେ:- ପ୍ରତ୍ୟେକ ଦିନ ଆମ ପାଦ ପୁଣ୍ୟରେ ଅଗ୍ରସର ହେଉ । ଅଲ୍ଲାଃତାଲା ସମସ୍ତ ଅହେମଦୀମାନଙ୍କୁ ସୁରକ୍ଷାରେ ରଖନ୍ତୁ । ଏବଂ ଶତୃଙ୍କର ପ୍ରତ୍ୟେକ ଯୋଜନାକୁ ଅସଫଳ କରନ୍ତୁ । ଜଲ୍‌ସା ପରେ ଜଲ୍‌ସାରେ ଯୋଗଦେଇଥିବା ଲୋକଙ୍କୁ ଅଲ୍ଲାଃତାଲା କୁଶଳ ମଙ୍ଗଳ ସହିତ ନିଜ ଘରେ ପହଂଚାଇ ଦିଅନ୍ତୁ । ଓ ଏ ଜଲ୍‌ସାର ବର୍‌କତ୍ ଗୁଡିକ ନିଜ ଜୀବନର ଅଂଶ ରୂପେ ବନାନ୍ତୁ । ଆମିନ୍ !

ଜଲ୍‌ସା ସାଲାନାର ହାଜିର୍ (ଉପସ୍ଥାନ) ବତାଇବାକୁ ଯାଇ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ୪୪ଟି ଦେଶରୁ ପ୍ରତିନିଧିତ୍ୱ ହୋଇଥିଲା ଓ ୨୦୦୪୮ ଜଣ ଲୋକ ସାମିଲ୍ ହୋଇଥିଲେ । ଅଲ୍ଲାଃତାଲା ସମସ୍ତଙ୍କର ସୁରକ୍ଷାକାରୀ ଓ ସାହାଯ୍ୟକାରୀ ହୁଅନ୍ତୁ । ଏଠି ଲଣ୍ଡନ୍‌ରେ ଜଲ୍‌ସାରେ ଜଲ୍‌ସାରେ ଉପସ୍ଥାନ ୫୩୦୦ ଅଟେ । ଶେଷରେ ହଜୁର୍ ଅନୁୱ୍ୱର୍ ଉଦ୍‌ଯାପନୀ ଦୁଆ କରାଇଲେ । ତତ୍ ସହିତ ତିନିଦିନର ଏହି ବାବର୍‌କତ୍ ଜଲ୍‌ସାର ପରିସମାପ୍ତି ହେଲା ।

**ଜଲ୍‌ସା ମସ୍ତୁରାତ୍**

**(ମହିଳା ମାନଙ୍କ ଜଲ୍‌ସା)**

ଜଲ୍‌ସା ସାଲାନା ଦିନ ଗୁଡିକରେ ପ୍ରତ୍ୟେକ ବର୍ଷ ଦ୍ୱିତୀୟ ଦିନ ମହିଳାମାନଙ୍କର ନିଜର ଅଲଗା ଜଲ୍‌ସା ହୋଇଥାଏ । ଏବର୍ଷ ଏହି ଇଜ୍‌ଲାସ୍ ୩୦ ଡିସେମ୍ବର୍ ୨୦୧୭ ଦିନ ଦ୍ୱିପ୍ରହର ପ୍ରରେ ମୋହତରମା ସାହାବଜାଦି ଅମତୁଲ୍ କୁଦୁସ୍ ବେଗମ୍ ସାହିବା, ସ୍ତ୍ରୀ ସାହାବ୍‌ଜାଦା ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ (ରବ୍ୱା)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ମୋକରମା ୱଜିହା ବିଶାରତ୍ ସାହିବା କାଦିଆନ୍ ସୁରା ବନି ଇସ୍‌ରାଇଲ୍‌ର ରୁକୁ ନଂ-୯ ତିଲାୱ୍ୱତ୍ କଲେ । ମୋକରମା ଅମତୁଲ୍ ହାଦି ଶିରିଁ ସାହିବା ସାହାଯ୍ୟକାରୀ ୱାକିଫାତେ ନୌ। କାଦିଆନ୍ ଉକ୍ତ ଆୟତ ଗୁଡିକର ଅନୁବାଦ ଉପସ୍ଥାପନ କଲେ । ମୋକରମା ଗଜିଲ୍ ସଫି ଅଲିନା ସାହିବା ସଦର୍ ଲଜ୍‌ନା ଇମାଇଲା କଜାକିସ୍ତାନ୍ କସିଦା ପଢ଼ି ଶୁଣାଇଲେ । ମୋକରମା ଅମତୁଲ୍ ବାସିଦ୍ ବୁଶ୍‌ରା ସାହିବା ସେକ୍ରେଟାରୀ ତହ୍‌ରିକ୍ ଯଦିଦ୍ ଲଜ୍‌ନା ଇମାଇଲ୍ଲାଃ ଭାରତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍ -

*ହର୍ ତରଫ୍ ଫିକ୍‌ର୍ କୋ*
*ଦୌଡାକେ ଥକାୟା ହମ୍‌ନେ*

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଏହି ପ୍ରୋଗ୍ରାମ୍‌ର ପ୍ରଥମ ତକ୍‌ରିର ମୋକରମା ଅମତୁଲ୍ ୱାସେ ଶମାଇଲା ସାହିବା ନାଏବ୍ ସଦର୍ ଲଜ୍‌ନା ଇମାଇଲ୍ଲାଃ ଭାରତ "*ବଦ୍‌ରସୁମାତ୍ କେ ଖିଲାଫ୍ ଜିହାଦ୍ ଅଓର୍ ଅହେମଦୀ ମାଓଁ କି ଜିମେଦାରିଆଁ*" ଅର୍ଥାତ୍ କୁପ୍ରଥା ବିରୋଧରେ ଜିହାଦ୍ ଓ ଅହେମଦୀ ମା' ମାନଙ୍କର ଦାୟିତ୍ୱବୋଧ ଉପରେ କଲେ । ଏହାପରେ ମୋକରମା ସଫିୟା ହବିବ୍ ସାହିବା କାଦିଆନ୍ ନାତେ ରସୁଲ୍ ସ:ଆ:ସ -

ୱହ୍ ଯୋ ଅହେମଦ୍ ଭି ହୈ
ଅଓର୍ ମୁହମ୍ମଦ୍ ଭି ହୈ

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଦ୍ୱିତୀୟ ତକ୍‌ରୀର୍ ମୋକରମା ଶମିମ୍ ଅଖ୍‌ତର୍ ଜ୍ଞାନୀ ସାହିବା ପୂର୍ବତନ ସଦର ଲଜ୍‌ନା ଇମାଇଲ୍ଲାଃ ଭାରତ "*ତର୍‌ବିୟତ୍ ଅଓଲାଦ୍ ବିଲ୍ ଖସୁସ୍ ନମାଜୌଁ କି ପାବନ୍ଦି କେ ହୱ୍ୱାଲେ ସେ ଅହେମଦୀ ମାଓଁ କି ଜିମେଦାରିଆଁ*" ଅର୍ଥାତ୍ ପିଲାମାନଙ୍କର ତର୍‌ବିୟତ୍ ବିଶେଷ ରୂପେ ନିୟମିତ ନମାଜ ପଢ଼ିବା ପ୍ରସଙ୍ଗରେ ଏଥିପ୍ରତି ଅହେମଦୀ ମା' ମାନଙ୍କର କର୍ତବ୍ୟବୋଧ ଉପରେ କଲେ । ଏହାପରେ ଲଜ୍‌ନା ଇମାଇଲ୍ଲାଃ ଚେନେଇର ସଦସ୍ୟମାନେ ତାମିଲ୍ ଭାଷାରେ ତରାନା (ସମବେତ କଣ୍ଠରେ) ପଢ଼ିଲେ । ଏବଂ ମୋକରମା ଆଫିୟା ଫଜଲ୍ ସାହିବା ଏହାର ଉର୍ଦ୍ଦୁ ଅନୁବାଦ ପଢ଼ି ଶୁଣାଇଲେ । ଜଲ୍‌ସାର ଶେଷରେ ଜଲ୍‌ସାର ସଭାପତି ମହୋଦୟା ମୋହତ୍‌ରମା ସାହାବ୍‌ଜାଦୀ ଅମତୁଲ୍ କୁଦୁସ୍ ବେଗମ୍ ସାହିବା କିଛି ମୂଲ୍ୟବାନ୍ ଉପଦେଶ ପ୍ରଦାନ କଲେ । ସେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକୁ ପଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ତତ୍ ସହିତ ଖୁଦାତାଲାଙ୍କ ପ୍ରେମ ହାସଲ କରିବା ନିମନ୍ତେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁସରଣ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁଗାମୀ ହେବାର ସୌଭାଗ୍ୟ ପ୍ରାପ୍ତ ନିମନ୍ତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ଓ ତାଙ୍କର ଆଜ୍ଞାବହତା ସ୍ୱୀକାର କରିବା ଆବଶ୍ୟକ ଅଟେ ବୋଲି ଦର୍ଶାଇଲେ । ଏ ଅବସରରେ ମହିଳାମାନଙ୍କର ଏ ଜଲ୍‌ସାରେ ୭୩୩୩ ଜଣ ଉପସ୍ଥିତ ଥିଲେ । ଦୁଆ ପରେ ଏ ଜଲ୍‌ସା ବହୁତ ସୁନ୍ଦରତାର ସହିତ ପରିସମାପ୍ତି ହେଲା । ଅଲ୍‌ହମ୍‌ଦୋଲିଲ୍ଲାଃ ।

**ନେଜାମତ୍ ଏବଂ କୟାମ୍‌ଗାଃ (ଜଲ୍‌ସାର ପ୍ରତ୍ୟେକ ବିଭାଗ ଓ ଆବାସସ୍ଥଳୀ)**

ଏବର୍ଷ ଜଲ୍‌ସାର ବ୍ୟବସ୍ଥା ଓ ଅତିଥିମାନଙ୍କ ରହିବା ଓ ଖାଇବା ଇତ୍ୟାଦି ଆବଶ୍ୟକୀୟ କଥାକୁ ଦୃଷ୍ଟିରେ ରଖି ୩୩ ଟି ନିଜାମତ୍ ଓ ୩୦ ଟି କୟାମ୍‌ଗାଃ ନିର୍ମାଣ କରାଯାଇଥିଲା । ଏବଂ ୪ଟି ଲଙ୍ଗର୍‌ଖାନା ଜାରି ହୋଇଥିଲା । କାଦିଆନ୍‌ର ସମସ୍ତ ହଲ୍‌କାର ଘରମାନଙ୍କରେ ରହୁଥିବା ଅତିଥିମାନଙ୍କ ନିମନ୍ତେ ୬ଟି ସ୍ଥାନରେ "ଫ୍ୟାମିଲିଜ୍" ଅନ୍ତର୍ଗତ ଖାଦ୍ୟ ବଂଟନର ବ୍ୟବସ୍ଥା କରାଯାଇଥିଲା ।

**ଶୋବା ଖିଦ୍‌ମତେ ଖଲ୍‌କ୍ (ଖିଦ୍‌ମତେ ଖଲ୍‌କ୍ ବିଭାଗ)**

ଜଲ୍‌ସା ସାଲାନା କାଦିଆନ୍‌ର ବିଭାଗ ଗୁଡିକ ମଧ୍ୟରୁ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ବିଭାଗ ହେଉଛି ଶୋବା ଖିଦ୍‌ମତେ ଖଲ୍‌କ୍ ଯାହା ଅନ୍ତର୍ଗତ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷାର ଦାୟିତ୍ୱ ରଖାଯାଇଛି । ଏ ବର୍ଷ ଏହି ବିଭାଗ ଅନ୍ତର୍ଗତ ଡ୍ୟୁଟି ଦେବା ନିମନ୍ତେ ହିନ୍ଦୁସ୍ତାନ୍‌ର ବିଭିନ୍ନ ପ୍ରଦେଶରୁ ୬୮୩ ଜଣ ସ୍ୱେଚ୍ଛାସେବୀ ଖୁଦାମ୍ ଏବଂ ୫୫ଜଣ ସଫେ ଦୌମ୍‌ର ଅନ୍‌ସାର୍‌ମାନେ ଯୋଗ ଦେଇଥିଲେ ।

ଏହି ବିଭାଗ ଅନ୍ତର୍ଗତ ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ଅତିଥିଙ୍କୁ ଜଲ୍‌ସାର ରେଜିଷ୍ଟ୍ରେସନ୍ କାର୍ଡ୍, ଫଟୋ ପରିଚୟ ଓ ବିଶେଷ ବାର୍‌କୋଡ୍ ସହିତ ଇସୁ କରାଯାଇଥିଲା । ନମାଜ ସମୟରେ ଦାରୁଲ୍ ମସିହ୍‌ର ରାସ୍ତା ଗୁଡିକରେ ଓ ମହଲାର ଗଳି ଗୁଡିକରେ ଶାନ୍ତି ଶୃଙ୍ଖଳା ନିମନ୍ତେ ଖୁଦାମ୍‌ମାନେ ଡ୍ୟୁଟି ଦେଲେ । ଦାରୁଲ୍ ମସିହ୍, ବେହଶ୍‌ତି ମକ୍‌ବରା, ଜଲ୍‌ସାଗାଃ, କାଦିଆନ୍‌ର ପ୍ରତ୍ୟେକ କେନ୍ଦ୍ରୀୟ ମସ୍‌ଜିଦ୍ ଓ ସମସ୍ତ ଆବାସସ୍ଥଳୀରେ ଖୁଦାମ୍‌ଙ୍କର ଅହରହ ଡ୍ୟୁଟି ଲଗାଯାଇଥିଲା । ସେହିପରି ଅଲ୍ କୁରୁଆନ୍ ପ୍ରଦର୍ଶନୀ, ଅନ୍‌ନୁର୍ ପ୍ରଦର୍ଶନୀ, ମଖ୍‌ଜନେ ତସାୱ୍ୱିର୍ (ଫଟୋ ପ୍ରଦର୍ଶନୀ) ଓ ହ୍ୟୁମାନିଟି ଫାଷ୍ଟ୍ ପ୍ରଦର୍ଶନୀ ପରି ସ୍ଥାନରେ, ଯେଉଁଠି ବହୁତ ସଂଖ୍ୟକ ଅତିଥି ପରିଦର୍ଶନ ପାଇଁ ଆସୁଛନ୍ତି, ଖୁଦାମ୍‌ମାନେ ଅହରହ ଡ୍ୟୁଟି ଦେଉଥିଲେ । ସେହିପରି ଏବର୍ଷ ଦାରୁଲ୍ ବୟତ୍ ଲୁଧିଆନା ଓ ଚିଲାକଶିର ସ୍ଥାନ ହୁସିଆର୍‌ପୁର୍‌ଠାରେ ମଧ୍ୟ ଖୁଦାମ୍ ପିଲାଙ୍କୁ ଡ୍ୟୁଟି ନିମନ୍ତେ ନିୟୋଜନ କରାଯାଇଥିଲା । ଏହି ବିଭାଗ ଅନ୍ତର୍ଗତ ବର୍ଡର୍, ରେଲ୍‌ୱ୍ୱେ ଷ୍ଟେସନ୍, ଏୟାର୍‌ପୋର୍ଟ ଇତ୍ୟାଦିରେ ମଧ୍ୟ ଅତିଥିମାନଙ୍କ ସୁବିଧା ନିମନ୍ତେ ଖୁଦାମ୍‌ଙ୍କର ଡ୍ୟୁଟି ଲଗାଯାଇଥିଲା । ଲଷ୍ଟ୍ ଆଣ୍ଡ ଫାଉଣ୍ଡ ଏବଂ ଘୋଷଣା ନିମନ୍ତେ କାର୍ଯ୍ୟାଳୟ ମଧ୍ୟ ସ୍ଥାପନ କରାଯାଇଥିଲା । ଯାହା ଅନ୍ତର୍ଗତ ଅତିଥିମାନଙ୍କର ହଜି ଯାଇଥିବା ଜିନିଷ ଗୁଡିକୁ ପାଇ ସେଠାରେ ଫେରାଇ ଦିଆଯାଉଥିଲା । ଫାଷ୍ଟ୍‌ଏଡ୍ ଓ ଏମରଜିଏନ୍‌ସି କାର୍ଯ୍ୟାଳୟ ମଧ୍ୟ ସ୍ଥାପନ କରାଯାଇଥିଲା । ଯାହା ଅନ୍ତର୍ଗତ ଅତିଥିମାନଙ୍କ ସୁବିଧା ସହଯୋଗ ଓ ଆରାମ୍ ନିମନ୍ତେ ୨୪ ଘଂଟା ଖୁଦାମ୍‌ମାନେ ନିଷ୍ଠାର ସହିତ ଡ୍ୟୁଟି ଦେଉଥିଲେ । ସମସ୍ତ ସ୍ୱେଚ୍ଛାସେବୀ ଖୁଦାମ୍ ଓ ଅନ୍‌ସାର୍‌ମାନଙ୍କୁ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରାର୍ଥନାର ଉତରାଧିକାରୀ ବନାନ୍ତୁ । ଏବଂ ନିଜ କରୁଣାରୁ ସେ ସମସ୍ତଙ୍କର

ସେବକୁ ଗ୍ରହଣ କରନ୍ତୁ । ଆମିନ୍ !

### ଶୋବା ତର୍‌ବିୟତ୍ (ତର୍‌ବିୟତ୍ ବିଭାଗ)

ଜଲ୍‌ସା ସାଲାନା କାଦିଆନ୍‌ର ଦିନ ଗୁଡିକରେ ୨୫ ଡିସେମ୍ବର୍ ୨୦୧୭ ରୁ ୭ ଜାନୁଆରୀ ୨୦୧୮ ପର୍ଯ୍ୟନ୍ତ ମସ୍‌ଜିଦ୍ ଅକ୍‌ସା, ମସ୍‌ଜିଦ୍ ମୁବାରକ୍ ଓ ମସ୍‌ଜିଦ୍ ଅନ୍‌ୱାର୍, ଯାହା ମହଲା ଦାରୁଲ୍ ଅନ୍‌ୱାର୍‌ରେ ଅବସ୍ଥିତ ଅଟେ, ଏ ସମସ୍ତ ସ୍ଥାନରେ ବାଯାମତ ନମାଜ ତହ୍‌ଯୁଦ୍ ପାଠ କରାଗଲା । ସେହିପରି କାଦିଆନ୍‌ର ଅନ୍ୟାନ୍ୟ ମହଲା ଗୁଡିକରେ ମଧ୍ୟ ଅନ୍ୟ ୭ଟି ମସ୍‌ଜିଦ୍‌ରେ ମଧ୍ୟ ଜଲ୍‌ସା ସାଲାନାର ଏହି ତିନିଦିନ ବାଯମାତ୍ ନମାଜ୍ ତେହ୍‌ଜୁଦ୍‌ର ପ୍ରବନ୍ଧ କରାଯାଇଥିଲା । ଏହା ସହିତ ସମସ୍ତ ମସ୍‌ଜିଦ୍‌ରେ ନମାଜ ଫଜଲ୍ ପରେ ଖୁସୁସି ଦରସ୍ (ବିଶେଷ ଦରସ୍)ର ବ୍ୟବସ୍ଥା ମଧ୍ୟ ହୋଇଥିଲା । ନମାଜ ତହ୍‌ଯୁଦ୍ ପାଠ ନିମନ୍ତେ ଲୋକମାନଙ୍କୁ ଲାଉଡ୍ ସ୍ପିକର୍ ମାଧ୍ୟମରେ ଦରୁଦ୍ ଶରିଫ୍ ପଢ଼ାଯାଇ ଜଗା ଦିଆଯାଉଥିଲା । ଏହି ବିଭାଗ ଅନ୍ତର୍ଗତ କାଦିଆନ୍‌ର ବିଭିନ୍ନ ଗଳି ଓ ରାସ୍ତା ଗୁଡିକରେ ତାଲିମ ଓ ତର୍‌ବିୟତ୍ ନିମନ୍ତେ ସୁନ୍ଦର ସୁନ୍ଦର ବ୍ୟାନର୍ ଲଗାଯାଇଥିଲା । ଏତଦ୍‌ବ୍ୟତୀତ ଉର୍ଦ୍ଦୁ ଓ ଇଂରାଜୀ ଭାଷାରେ ଜଲ୍‌ସା ସାଲାନାର ପ୍ରୋଗ୍ରାମ୍ ଗୁଡିକ ଛୋଟଛୋଟ ପୁସ୍ତକ ପ୍ରକାଶ କରାଯାଇଥିଲା ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସା ସାଲାନା ନିମନ୍ତେ ଦେଇଥିବା ମୂଲ୍ୟବାନ୍ ଉପଦେଶାବଳୀ ଗୁଡିକ ସାମିଲ୍ କରାଯାଇଥିଲା ।

### ବଇତୁଲ୍ ଦୁଆରେ ନଫିଲ୍ ନମାଜ ପାଠ ଏବଂ ପବିତ୍ର ସ୍ଥାନ ଗୁଡିକର ପରିଦର୍ଶନ

ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ହିନ୍ଦୁସ୍ତାନ୍ ଓ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ନିମନ୍ତେ ନିୟମିତ ସୁସଂଗଠିତ ଶୈଳୀରେ ବଇତୁଲ୍ ଦୁଆରେ ନଫିଲ୍ ନମାଜ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା । ଅତିଥିମାନେ ବହୁତ ଉତ୍ସାହର ସହିତ ବଇତୁଲ୍ ଦୁଆରେ ନଫିଲ୍ ନମାଜ ପଢ଼ିବା ନିମନ୍ତେ ଅନେକ ସମୟ ପର୍ଯ୍ୟନ୍ତ ଲମ୍ବା ଲମ୍ବା ଧାଡ଼ିରେ ନିଜ ନିଜ ପାଳିର ଅପେକ୍ଷା କରୁଥିଲେ । ଏବଂ ସେ ସମୟରେ ଜିକ୍‌ରେ ଇଲାହି (ଅଲ୍ଲାଃତାଲାଙ୍କର ସ୍ତୁତିଗାନ) କରିଚାଲିଥିଲେ । ବହୁ ସଂଖ୍ୟାରେ ଅତିଥି ଥିବା ଯୋଗୁ ପ୍ରତ୍ୟେକ ଅତିଥିଙ୍କୁ ଥରେ ମାତ୍ର ବଇତୁଲ୍ ଦୁଆ ଯିବା ନିମନ୍ତେ ମୌକା ମିଳୁଥିଲା । ଏବଂ ସେ ଏହାକୁ ଏକ ମହାନ୍ ସୌଭାଗ୍ୟ ରୂପେ ମଣୁଥିଲା ।

ସେହିପରି ଅନ୍ୟାନ୍ୟ ପବିତ୍ର ସ୍ଥାନଗୁଡିକ ଯେପରି ମସ୍‌ଜିଦ୍ ମୁବାରକ୍, ମସ୍‌ଜିଦ୍ ଅକ୍‌ସା, ମିନାରତୁଲ୍ ମସିହ୍, ଅଦ୍‌ଦାର୍ (ଦାରୁଲ୍ ମସିହ୍) ଏବଂ ବେହଶ୍‌ତି ମକ୍‌ବରା ଇତ୍ୟାଦିରେ ମଧ୍ୟ ଅତିଥିମାନେ ବହୁ ସଂଖ୍ୟାରେ ଉତ୍ସାହିତ ହୋଇ ପରିଦର୍ଶନ କରୁଥିଲେ । ବିଶେଷ ରୂପେ ଅଦ୍‌ଦାରରେ ଅବସ୍ଥିତ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ହଜ୍‌ରତ୍ ଅମ୍ମାଜାନ୍ ର:ଅ ଏବଂ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ତବରୁକାତ୍ ଗୁଡିକର ଅତିଥିମାନେ ବହୁତ ଶ୍ରଦ୍ଧାର ସହିତ ପରିଦର୍ଶନ କଲେ । ବଇତୁଲ୍ ଦୁଆରେ ନଫିଲ୍ ନମାଜ୍ ଓ ଅଦ୍‌ଦାର୍‌ଠାରେ ଅବସ୍ଥିତ ତବରୁକାତ୍‌ର ପରିଦର୍ଶନ ନିମନ୍ତେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଅଲଗା ଅଲଗା ସମୟ ନିର୍ଦ୍ଧାରିତ କରାଯାଇଥିଲା ।

### ଶୋବା ତର୍‌ଜୁମାନି (ଅନୁବାଦ ବିଭାଗ)

ଏବର୍ଷ ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ଅବସରରେ ନିମ୍ନଲିଖିତ ୯ଗୋଟି ଭାଷାରେ ଜଲ୍‌ସାର ସମସ୍ତ ଭାଷଣ ଓ ସମସ୍ତ ପ୍ରୋଗ୍ରାମ୍ ଗୁଡିକର ସିଧା ସଳଖ ଅନୁବାଦର ବ୍ୟବସ୍ଥା କରାଯାଇଥିଲା । ଆରବୀ, ରସିୟାନ୍, ଇଣ୍ଡୋନେସିଆନ୍, ଇଂରାଜୀ, ମାଲାୟାଲମ୍, ତାମିଲ୍, ତେଲ୍‌ଗୁ, ବଙ୍ଗଳା ଓ କନ୍ନଡ ଭାଷାରେ ଅନୁବାଦ ହେଉଥିଲା । ଅଲ୍ଲାଃତାଲାଙ୍କ ଅସୀମ କୃପାବଳରୁ ସବୁ ଭାଷାର ଅନୁବାଦକାରୀ ବହୁତ ସୁନ୍ଦର ରୂପେ ଅନୁବାଦ କରିବାର ଦାୟିତ୍ୱ ତୁଲାଇଲେ । ଜଲ୍‌ସାର ପ୍ରତ୍ୟେକ ପ୍ରୋଗ୍ରାମ୍ ବିଶେଷ ରୂପେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଉଦ୍‌ଯାପନୀ ଭାଷଣ ଉପରବର୍ଣ୍ଣିତ ୯ଟି ଭାଷାରେ ଅନୁବାଦ କରାଯାଇଥିଲା । ଏବଂ ବହୁତ ସଂଖ୍ୟାରେ ପୁରୁଷ ଓ ମହିଳାମାନେ ଏହି ଅନୁବାଦ ଗୁଡିକରୁ ଲାଭ ଉଠାଇଲେ । ମହିଳାମାନଙ୍କର ବିଶେଷ ସେସନ୍‌ର ମଧ୍ୟ ୫ଟି ଭାଷାରେ (ଆରବୀ, ଇଂରାଜୀ, ଇଣ୍ଡୋନେସିଆନ୍, ମାଲାୟାଲମ୍ ଓ ବଙ୍ଗଳା) ଅନୁବାଦର ବ୍ୟବସ୍ଥା ହୋଇଥିଲା ।

### ପ୍ରେସ୍ ଆଣ୍ଡ୍ ମିଡ଼ିଆ

ଜଲ୍‌ସାର ତିନିଦିନ ପ୍ରିଂଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡ଼ିଆରେ କଭ୍‌ରେଜ୍ ହେଲା । ବଟାଲା, ଅମୃତସର୍, ଗୁର୍‌ଦାସ୍‌ପୁର୍, ଜଲନ୍ଧର୍, ଚଣ୍ଡୀଗଡ଼ ଓ ହିନ୍ଦୁସ୍ତାନ୍‌ର ଅନେକ ପ୍ରଦେଶରୁ ଇଲେକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡ଼ିଆର ପ୍ରତିନିଧିଗଣ ଜଲ୍‌ସାସାଲାନାର ଏହି ତିନିଦିନର କଭ୍‌ରେଜ୍ ପାଇଁ ଏଠାକୁ ଆସିଥିଲେ । ଜଲ୍‌ସାର ଦ୍ୱିତୀୟ ଦିନ ଜଲ୍‌ସା ପେଶ୍‌ୱାୟାନେ ମଜାହିବ୍ (ସର୍ବଧର୍ମ ଶାନ୍ତି ସମ୍ମିଳନୀ) ଏବଂ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଭିଭାଷଣ ଗୁଡିକ ବିଶେଷ ରୂପେ କଭ୍‌ରେଜ୍ କରାଗଲା ।

### ଏଲାନାତେ ନିକାହ୍ (ନିକାହ୍ ଘୋଷଣା)

ଯମାତ୍‌ର ବହୁତ ଲୋକଙ୍କ ଏ ଇଚ୍ଛା ଥାଏ ଯେ ଯେବେ ସେମାନେ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗଦେବେ ତେବେ ସେମାନଙ୍କ ସନ୍ତାନ ମାନଙ୍କ ନିକାହ୍ ମସିହ୍ ମଉଦ୍ ଓ ମେହଦୀ ମାହୁଦ୍‌ଙ୍କ ପବିତ୍ର ଓ ବାବର୍‌କତ୍ ବସ୍ତିରେ ପଢ଼ାଯାଉ । ଅଲ୍ଲାଃଙ୍କ କୃପାରୁ ଜଲ୍‌ସା ସାଲାନା ଅବସରରେ ୩୦ ଡିସେମ୍ବର୍ ୨୦୧୭ ଦିନ ମସ୍‌ଜିଦ୍ ଦାରୁଲ୍ ଅନୁୱାର୍‌ଠାରେ ମୋକରମ୍ ମୌଲାନା ମୋଜଫର୍ ଅହେମଦ୍ ନାସିର୍ ସାହେବ୍ ନାଜିରେ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍ ୧୯ ଟି ନିକାହ୍‌ର ଘୋଷଣା କଲେ । ଏହି ମୌକାରେ ସେ ଆୟାତେ ମସ୍‌ନୁନାର ତିଲାୱତ୍ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ବିବାହ ସମ୍ପର୍କୀୟ ମୂଲ୍ୟବାନ ଉପଦେଶାବଳୀଗୁଡିକ ପଢ଼ି ଶୁଣାଇଲେ । ତା ପରଦିନ ଗୁଡିକରେ ଆଉ ତିନୋଟି ନିକାହ୍‌ର ମଧ୍ୟ ଘୋଷଣା କରାଗଲା, ଯାହାକୁ ମୋକରମ୍ ଇନାୟତୁଲ୍ଲାଃ ସାହେବ ଆଡିସିନାଲ୍ ନାଜିରେ ଇସ୍‌ଲାହ୍ ୱ ଇର୍‌ଶାଦ୍ ବରାୟେ ତାଲିମୁଲ୍ କୁରୁଆନ୍ ୱ ୱକ୍‌ଫେ ଆର୍‌ଜି କାଦିଆନ୍ ଏବଂ ମୋକରମ୍ ମୁହମ୍ମଦ୍ କରିମୁଦ୍ଦିନ୍ ଶାହିଦ୍ ସାହେବ୍ ସଭାପତି କଜାବୋର୍ଡ କାଦିଆନ୍ ପଢ଼ାଇଲେ ।

### ହ୍ୟୁମାନିଟି ଫାଷ୍ଟ ଏକ୍‌ଜିଭିସନ୍

ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ଅବସରରେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅନୁମୋଦନ କ୍ରମେ ହ୍ୟୁମାନିଟି ଫାଷ୍ଟ ଇଣ୍ଡିଆ ତରଫରୁ ଅହେମଦୀୟା ମର୍କଜି ଲାଇବ୍ରେରୀ କାଦିଆନ୍‌ର ହଲ୍‌ରେ ପ୍ରଦର୍ଶନୀର ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରଦର୍ଶନୀରେ ବିଗତ ଦୁଇବର୍ଷରେ ହ୍ୟୁମାନିଟି ଫାଷ୍ଟ ତରଫରୁ ଭାରତର ବିଭିନ୍ନ ପ୍ରଦେଶରେ କରାଯାଇଥିବା ସେବା ମୂଳକ କାର୍ଯ୍ୟ ଗୁଡିକୁ ଫଟୋଚିତ୍ର ମାଧ୍ୟମରେ ଦର୍ଶାଯାଇଥିଲା । ସେହିପରି ହ୍ୟୁମାନିଟି ଫାଷ୍ଟ ଇଣ୍ଡିଆ ତରଫରୁ ମାନବସେବା କାର୍ଯ୍ୟ ଉପରେ ପରିବେଷ୍ଟିତ ଗୋଟିଏ ବିଶେଷ ଡକୁମେଂଟାରୀ ମଧ୍ୟ ପ୍ରଦର୍ଶନ କରାଯାଉଥିଲା । ସେହିପରି ହ୍ୟୁମାନିଟି ଫାଷ୍ଟ ଇଣ୍ଡିଆ ତରଫରୁ ପ୍ରସ୍ତୁତ କରାଯାଇଥିବା କିଛି ବସ୍ତୁ ଯେପରି କଲମ, କି-ଚେନ୍ ଏବଂ କଫି ମଗ୍ ଇତ୍ୟାଦି ବିକ୍ରି ନିମନ୍ତେ ରଖାଯାଇଥିଲା । ଜଲ୍‌ସା ସାଲାନା କାଦିଆନ୍ ଅବସରରେ ଲଗାଯାଇଥିବା ଏହି ଏକ୍‌ଜିଭିସନ୍ ତା ୨୪ ଡିସେମ୍ବର୍ ୨୦୧୭ ରୁ ୫ ଜାନୁଆରୀ ୨୦୧୮ ପର୍ଯ୍ୟନ୍ତ ଜାରି ରହିଲା । ପାଖାପାଖି ୭୬୦୦ ଲୋକେ ଏହି ପ୍ରଦର୍ଶନୀକୁ ପରିଦର୍ଶନ କଲେ । ଏକ୍‌ଜିଭିସନ୍‌ରେ ଭିଜିଟର୍ ବୁକ୍ ମଧ୍ୟ ରଖାଯାଇଥିଲା । ଯେଉଁଥିରେ ପ୍ରଦର୍ଶନକାରୀ ନିଜର ରାୟ ମଧ୍ୟ ନୋଟ୍ କଲେ । ଅଲ୍ଲାଃତାଲାଙ୍କ ଦୟାବଳରୁ ହ୍ୟୁମାନିଟି ଫାଷ୍ଟ ଇଣ୍ଡିଆର ଏହି ଏକ୍‌ଜିଭିସନ୍‌ଟିକୁ ବହୁତ ପ୍ରଶଂସା କରାଗଲା । ହ୍ୟୁମାନିଟି ଫାଷ୍ଟ ଇଣ୍ଡିଆ ଭାରତର ଦୂର ଦୁରାନ୍ତ ଇଲାକାରେ ମେଡିକାଲ୍ କ୍ୟାମ୍ପସ୍, ବ୍ଲଡ୍ ଡୋନେସନ୍ କ୍ୟାମ୍ପ, ଗରିବ ଲୋକଙ୍କୁ ସାହାଯ୍ୟ, ଶିକ୍ଷାର୍ଥୀମାନଙ୍କ ସାହାଯ୍ୟ, ପିଇବା ପାଣିର ବ୍ୟବସ୍ଥା ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯଥାଶିଘ୍ର ରିଲିଫ୍ ପହଂଚାଇବାର କାର୍ଯ୍ୟ ନିମନ୍ତେ ସୌଭାଗ୍ୟ ମିଳୁଅଛି । ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ଅବସରରେ ଜଲ୍‌ସାଗାଃର ହତା ଭିତରେ ହ୍ୟୁମାନିଟି ଫାଷ୍ଟ ଇଣ୍ଡିଆର ଗୋଟିଏ ପରିଚୟ ପ୍ରଦାନ କାରୀ ଷ୍ଟଲ୍ ମଧ୍ୟ ଲଗାଯାଇଥିଲା, ଯାହାକୁ ୪୦୦୦ ଲୋକେ ପରିଦର୍ଶନ କରିଛନ୍ତି ।

### ଅନ୍‌ନୁର୍ ନୁମାଇଶ୍ କୋଠି ଦାରୁସ୍‌ସଲାମ୍ (କୋଠି ଦାରୁସ୍‌ସଲାମ୍ ଠାରେ ଅନ୍‌ନୁର୍ ପ୍ରଦର୍ଶନୀ)

୨୦୧୫ ଜଲ୍‌ସା ସାଲାନା ଅବସରରେ ହଲ୍‌କା ଦାରୁସ୍‌ସଲାମ୍‌ର କୋଠି ହଜ୍‌ରତ୍ ନୱାବ୍ ମୁହମ୍ମଦ୍ ଅଲ୍ଲୀ ଖାନ୍ ସାହେବ୍, ଯେଉଁଠାରେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱଲ୍ ର:ଅ ନିଜ ଜୀବନର ଶେଷ ଦିନ ଗୁଡିକ ବିତାଇଥିଲେ, ତାହା ରେନୋଭେଟ୍ କରି ''ଅନ୍‌ନୁର୍ ନୁମାଇଶ'' ନାମରେ ଗୋଟିଏ ପ୍ରଦର୍ଶନୀର ଶୁଭାରମ୍ଭ କରାଯାଇଥିଲା । ଏବର୍ଷ ମଧ୍ୟ ଜଲ୍‌ସାସାଲାନା ଅବସରରେ ବହୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଉକ୍ତ ପ୍ରଦର୍ଶନୀକୁ ଦେଖିବାକୁ ଆସିଥିଲେ । ପ୍ରତ୍ୟହ ନମାଜ ଫଜର୍‌ଠାରୁ ନେଇ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହେ । ଜଲ୍‌ସାର ଏହି ତିନିଦିନ ପ୍ରଦର୍ଶନୀର ସମୟ ଏହିପରି ଥିଲା । ନମାଜ ଫଜର୍ ପରଠାରୁ ସକାଳ ୯ଟା ପର୍ଯ୍ୟନ୍ତ ଓ ନମାଜ ମଗ୍‌ରିବ୍ ଓ ଇଶା ପରଠାରୁ ରାତି ୧୦ ପର୍ଯ୍ୟନ୍ତ । ଏହି ପ୍ରଦର୍ଶନୀରେ ଯମାତ୍ ଅହେମଦୀୟାର ଇତିହାସର ବିଭିନ୍ନ ସମୟକୁ ଫଟୋଚିତ୍ର ଓ ପୋଷ୍ଟର୍ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏତଦ୍‌ବ୍ୟତୀତ ନଜାରତ୍ ନଶ୍‌ରୋ ଇଶାଅତ୍ ଅନ୍ତର୍ଗତ ନଶ୍‌ରୋ ଇଶାଅତ୍‌ର ବିଲ୍‌ଡିଂ ହତା ଭିତରେ କୁରୁଆନ୍ ନୁମାଇସ୍ ଏବଂ ମଖ୍‌ଜନେ ତସାୱିର୍ ପ୍ରତିଷ୍ଠା କରାଯାଇଛି । ଜଲ୍‌ସା ଦିନ ଗୁଡିକରେ ବହୁତ ସଂଖ୍ୟକ ଲୋକେ ଏହି ନୁମାଇସ୍ ଗୁଡିକୁ ମଧ୍ୟ ପରିଦର୍ଶନ କଲେ ।

### ଏମ୍.ଟି.ଏ ଜରିଆରେ ଆରବୀ ଲାଇଭ୍ ପ୍ରୋଗ୍ରାମ୍

### ଇସ୍‌ମଉ ସଓତସ୍ ସମାଆ

ଜଲ୍‌ସା ସାଲାନା ଅବସରରେ ୨୦ ରୁ ୨୨ ଡିସେମ୍ବର୍ ୨୦୧୭ ଆରବୀ ପ୍ରୋଗ୍ରାମ୍ ''ଇସ୍‌ମଉ ସଓତସ୍ ସମାଆ ଯା ଅଲ୍ ମସିହ୍ ଯା ଅଲ୍ ମସିହ୍'' ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ସିଧା ପ୍ରସାରଣ କରାଗଲା । ଯେଉଁଥିରେ ନିମ୍ନଲିଖିତ ଓ୍ୱଲେମା ଗଣ ସାମିଲ୍ ହୋଇଥିଲେ । ମୁହତରମ୍ ଶରିଫ୍ ଔଦାଃ ସାହେବ୍ ଅମୀର୍ ଯମାତ୍ ଅହେମଦୀୟା କବାବୀର୍ ଆଙ୍କର୍ ରୂପେ, ମୁହତରମ୍ ଫତହି ଅବ୍‌ଦୁସ୍ ସଲାମ୍ ସାହେବ (ମିସର୍), ମୁହତରମ୍ ତମିମ ଅବୁ ଦକାଃ ସାହେବ (ଯୋଡ଼ାନ୍), ମୁହତରମ୍ ତାହେର୍ ଅହେମଦ୍ ନଦିମ୍ ସାହେବ୍ (ଲଣ୍ଡନ) ଏହି ପ୍ରୋଗ୍ରାମରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆରବବାସୀଙ୍କ ସହିତ ପ୍ରେମ, ଆରବୀ ଭାଷା ସହିତ ପ୍ରେମ ଓ ଯମାତ୍ ଅହେମଦୀୟାର ଆରବବାସୀଙ୍କ ନିମନ୍ତେ କରାଯାଇଥିବା ସେବା ଇତ୍ୟାଦି ବିଷୟ ଉପରେ ବାର୍ତ୍ତାଳାପ କରାଯାଉଥିଲା । ଏହି ପ୍ରୋଗ୍ରାମ୍‌ରେ ନିମ୍ନଲିଖିତ ବିଭିନ୍ନ ପ୍ରକାରର ସର୍ଟ୍ ଡକୁମେଂଟାରୀ ମଧ୍ୟ ପ୍ରଦର୍ଶନ କରାଗଲା । (୧)ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅ:ବ:ଅଙ୍କ ଆରବୀୟଙ୍କ ନିମନ୍ତେ ବାର୍ତ୍ତା, ଯାହାକୁ ଆମ ପ୍ରିୟ ଆକା ୨୦୧୫ ମସିହାରେ ଲାଇଭ୍ ଆରବୀ ପ୍ରୋଗ୍ରାମ୍‌ର ଦ୍ୱିତୀୟ ଦିନ ପ୍ରେରଣ କରିଥିଲେ, ଏହାର କିଛି ଭାଗ ପ୍ଲେ କରାଗଲା । (୨)ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଲ୍‌ହିୱାରୁଲ୍ ମୁବାଶିର୍ ପ୍ରୋଗ୍ରାମ୍‌ରେ ଯୋଗଦାନ ଓ ବାର୍ତ୍ତାର ଭିଡ଼ିଓ ପ୍ରସାରଣ କରାଗଲା । (୩)ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଙ୍କ ଆୱାଜ୍‌ରେ ସୟଦ୍‌ନା

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀ ମଧ୍ୟରୁ କିଛି ପାରା ପ୍ଲେ କରାଗଲା, ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଆରବୀୟଙ୍କ ନିମନ୍ତେ ପ୍ରେମର ପରିପ୍ରକାଶ ହୋଇଛି । (୪)ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଲେଖନୀର ପାରାଗୁଡିକର ଆରବୀ ଅନୁବାଦ ଉପସ୍ଥାପନ କରାଗଲା । (୫)ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଙ୍କ ଆରବବାସୀଙ୍କ ନିମନ୍ତେ ଉପଦେଶାଳବୀ । (୬)ହଜ୍‌ରତ୍ ଚୌଧୁରୀ ସର୍ ମୁହମ୍ମଦ୍ ଜଫ଼ରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ଆରବୀୟଙ୍କ ନିମନ୍ତେ ବିଶ୍ୱବ୍ୟାପି ସେବା ଉପରେ ଆଧାରିତ ଫଟୋଚିତ୍ର ଭିଡିଓ ରୂପରେ ପ୍ରଦର୍ଶନ କରାଗଲା । (୭)ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦୁଇଗୋଟି କସାଏଦ୍ କାଦିଆନ୍‌ର ଦୃଶ୍ୟ ସାମିଲ୍ କରି ପ୍ରଦର୍ଶନ କରାଗଲା । ଦ୍ୱିତୀୟ ଦିନ ପ୍ରୋଗ୍ରାମ୍‌ରେ ଦୁଇଟି ଟେଲିଫୋନ୍ କଲ୍ ନିଆଗଲା ଯେଉଁଥିରେ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିବା ବିଷୟ ଗୁଡିକ ସମ୍ପର୍କରେ ସେମାନେ ନିଜର ଭାବନା ବ୍ୟକ୍ତ କଲେ ।

### ଆଫ୍ରିକା ପାଇଁ ଲାଇଭ୍ ପ୍ରୋଗ୍ରାମ୍
### The Messiah of the Age

ସେହିପରି ୩-୫ ଜାନୁଆରୀ ୨୦୧୮ କୁ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏମ୍.ଟି.ଏ ଇଂଟରନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡ଼ିଓରୁ The Messiah of the Age ନାମରେ ଆଫ୍ରିକା ନିମନ୍ତେ ଲାଇଭ୍ ପ୍ରୋଗ୍ରାମ୍ ପ୍ରସାରଣ କରାଗଲା । ଏହି ପ୍ରୋଗ୍ରାମ୍‌ର ସମୟ ଏକଘଂଟା ଥିଲା, ଯାହାକୁ ଇଂରାଜୀ ଭାଷାରେ ଉପସ୍ଥାପନ କରାଗଲା ଓ ଏଥିରେ ସାମିଲ୍ ହେବା ପାଇଁ ନିମ୍ନଲିଖିତ ଅତିଥିଗଣ କାଦିଆନ୍ ଆସିଥିଲେ । ମୋହତରମ୍ ମୌଲବୀ ଅବ୍‌ଦୁଲ୍ଲାଃ ଡବା ମୁରବୀ ସିଲ୍‌ସିଲା ଆମେରିକା ଆଙ୍କର୍, ମୋହତରମ୍ ମୌଲାନା ଅଜ୍‌ହର୍ ହନିଫ୍ ସାହେବ୍ ନାଏବ୍ ଅମୀର୍ ଯମାତ୍ ଅହେମଦୀୟା ଆମେରିକା, ମୋହତରମ୍ ମୌଲାନା ହାଫିଜ୍ ଅବ୍‌ଦୁଲ୍ ଗନି ସାହେବ୍ ମୁରବୀ ସିଲ୍‌ସିଲା ନାଇଜେରିଆ, ମୋହତ୍‌ରମ୍ ମୌଲବୀ ଅବ୍‌ଦୁର୍ ରହେମାନ୍ ଚାମ୍ ସାହେବ୍, ମୋହତରମ୍ ଅବ୍‌ଦୁଲ୍ ଲତିଫ୍ ସାହେବ୍ ବେନିଟ୍ ଅଫ୍ ଆମେରିକା ଓ ମୋହତ୍‌ରମ୍ ହବିବ୍ ଶଫିକ୍ ସାହେବ ଅଫ୍ ଆମେରିକା ଯୋଗ ଦେଇଥିଲେ ।

ଏହି ପ୍ରୋଗ୍ରାମ୍‌ରେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନି ଆ:ସଙ୍କ ଜନ୍ମସ୍ଥାନ କାଦିଆନ୍ ଦାରୁଲ୍ ଅମାନ୍‌ର ପରିଚୟ, ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉତମ ଚରିତ୍ର, ଜଲ୍‌ସା ସାଲାନାର ପରିଚୟ, ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ ଆ:ସଙ୍କୁ ମାନିବାର ଗୁରୁତ୍ୱ ଓ ଖିଲାଫତେ ଅହେମଦୀୟାର ବରକାତ୍ ଓ ଖିଲାଫତେ ଖାମ୍‌ସାର ବାବର୍‌କତ୍ ଏବଂ ବର୍ତମାନ ସମୟରେ ଯମାତ୍ ଅହେମଦୀୟାକୁ ପ୍ରାପ୍ତ ହେଉଥିବା ଉନ୍ନତି ଓ ସଫଳତା ବିଷୟରେ ଚର୍ଚ୍ଚା କରାଗଲା ।

ଏହି ପ୍ରୋଗ୍ରାମ୍‌ରେ ନିମ୍ନଲିଖିତ ସର୍ଟ ଡକୁମେଂଟାରୀ ମଧ୍ୟ ପ୍ରଦର୍ଶନ କରାଗଲା । କାଦିଆନ୍‌ର ପବିତ୍ର ସ୍ଥାନ ଗୁଡିକର ସଂକ୍ଷିପ୍ତ ପରିଚୟ ଜଲ୍‌ସାସାଲାନା ଇତିହାସର ସଂକ୍ଷିପ୍ତ ପରିଚୟ, କାଦିଆନ୍ ଜଲ୍‌ସାସାଲାନା ୨୦୧୭ର ଦୃଶ୍ୟପଟ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଜିବନୀର ଘଟଣାବଳୀଗୁଡିକୁ ଇଂଟରଭ୍ୟୁ ରୂପରେ ଉପସ୍ଥାପନ କରାଗଲା ଓ କାଦିଆନ୍‌ର ଦୃଶ୍ୟଗୁଡିକୁ ମଧ୍ୟ ପ୍ରଦର୍ଶନ କରାଗଲା । ଜଣେ ଆମେରିକିୟ ଅହେମଦୀଙ୍କ ଅହେମଦୀୟତ୍ ଗ୍ରହଣ କରିବାର ରେକର୍ଡିଂ ମଧ୍ୟ ପ୍ଲେ କରାଗଲା । ଇସ୍‌ଲାମ୍‌ରେ ଥିବା ବାସ୍ତବିକ ଖିଲାଫତ୍‌ର ପରିଚୟ ଉପରେ ପରିବେଷ୍ଟିତ ଭିଡିଓ, ଖିଲାଫତେ ଅହେମଦୀୟାର ବର୍‌କାତ୍ ଓ ବିଶ୍ୱବ୍ୟାପି ଅହେମଦୀୟା ଯମାତ୍‌ର ସଫଳତା । ପ୍ରତ୍ୟେକ ପ୍ରୋଗ୍ରାମ୍‌ରେ ବିଭିନ୍ନ ଦେଶରୁ ଆସୁଥିବା ଟେଲିଫୋନ୍ କଲ୍ ଗୁଡିକ ସାମିଲ୍ କରାଗଲା । ଅଲ୍ଲାଃତାଲାଙ୍କ କରୁଣାରୁ ଆଫ୍ରିକିୟ ଲୋକମାନଙ୍କ ଭିତରେ ଉକ୍ତ ପ୍ରୋଗ୍ରାମ୍‌ଟି ଅସାଧାରଣ ସଫଳତା ପାଇଲା । ବିଶେଷ ରୂପେ କାଦିଆନ୍‌ରୁ ହେଉଥିବା ସିଧା ପ୍ରସାରଣ ଯୋଗୁ ଲୋକମାନେ ଏହି ପ୍ରୋଗ୍ରାମ୍‌କୁ ବହୁତ ପସନ୍ଦ କଲେ ।

ଅଲ୍ଲାଃତାଲା ସମସ୍ତ ସେବାକାରୀଙ୍କୁ ଯେଉଁମାନେ ଅତ୍ୟନ୍ତ ନିଷ୍ଠା ଓ ପ୍ରେମର ସହିତ ସେବା କରିଛନ୍ତି ଓ ସେହିପରି ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନେ ଯେଉଁମାନେ ଦୂରଦୁରାନ୍ତରୁ ବହୁତ କଷ୍ଟ ଉଠାଇ ଓ ଖର୍ଚ୍ଚ ବର୍‌ଦାସ୍ତ କରି ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି, ସେ ସମସ୍ତଙ୍କୁ ମସିହ୍ ମଉଦ୍ ଆ:ସଙ୍କ ଦୁଆ ର ଉତରାଧିକାରୀ ବନାନ୍ତୁ । ଆମିନ୍! (ରିପୋର୍ଟିଂ ବିଭାଗ ଜଲ୍‌ସାସାଲାନା କାଦିଆନ୍ ୨୦୧୭)

---

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ଉଚିତ୍ । ଯଦି ସେମାନଙ୍କ ରାସ୍ତାରେ କୌଣସି ପ୍ରତିବନ୍ଧକ ଅଛି ତେବେ ତାହା ଦୂର ହେବା ଉଚିତ୍ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତରବିୟତ୍‌ର ବହୁତ ଆବଶ୍ୟକତା ରହିଛି । ଖୁଦାମ୍‌ମାନଙ୍କ ପାଇଁ ମଧ୍ୟ ତର୍‌ବିୟତି ପ୍ରୋଗ୍ରାମ୍ ହେବା ଉଚିତ୍ । ମୁବଲ୍ଲିଗିନ୍‌ଙ୍କୁ ଏହି ତର୍‌ବିୟତି ପ୍ରୋଗ୍ରାମ୍ ଗୁଡିକରେ ସାମିଲ୍ କରନ୍ତୁ । ଲଜ୍‌ନାମାନେ ମଧ୍ୟ ତର୍‌ବିୟତି ପ୍ରୋଗ୍ରାମ୍ ବନାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଅମୀର୍ ସାହେବ୍, ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍, ସଦର ଖୁଦାମୁଲ୍ ଅହେମଦୀୟା, ସଦର୍ ଲଜ୍‌ନା, ସେକ୍ରେଟାରୀ ତବ୍‌ଲିଗ୍ ଓ ସେକ୍ରେଟାରୀ ତର୍‌ବିୟତ୍ ମାନଙ୍କର ଏହି ସବୁ ପ୍ରୋଗ୍ରାମ୍ ଗୁଡିକ ବିଷୟରେ ମିଟିଂ ହେବା ଆବଶ୍ୟକ । ସବୁଠାରୁ ବଡ଼ ସମସ୍ୟା ହେଉଛି ତର୍‌ବିୟତ୍‌ର । ଯଦି ଏହି ସମସ୍ୟାର ସମାଧାନ ହୋଇଯିବ ତେବେ ସବୁ ସମସ୍ୟା ସମାଧାନ ହୋଇଯାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ପ୍ରତ୍ୟେକ ସେକ୍ରେଟାରୀଙ୍କୁ ନିଜ ନିଜ ସୀମା ଭିତରେ ରହି କାମ କରିବା ଉଚିତ୍ । ପୁଣି ହଜୁର୍ କହିଲେ:- ଆପଣମାନଙ୍କର ସମସ୍ତ ମସ୍‌ଜିଦ୍ ଗୁଡିକ ପାଂଚବେଳା ନମାଜ ପାଇଁ ଖୋଲା ରହିବା ଉଚିତ୍ । ଲୋକମାନେ ଆସନ୍ତୁ ବା ନଆସନ୍ତୁ । କିନ୍ତୁ ମସ୍‌ଜିଦ୍ ଖୋଲା ରହିବା ଉଚିତ୍ । ଲୋକମାନଙ୍କୁ ବତାନ୍ତୁ ଯେ ପାଂଚବେଳା ନମାଜ ପାଇଁ ମସ୍‌ଜିଦ୍ ଖୋଲା ରହୁଛି ବୋଲି । ପ୍ରତ୍ୟେକ ମସ୍‌ଜିଦ୍‌ରେ ଜଣେ କାହାକୁ ଦାୟିତ୍ୱ ଦିଅନ୍ତୁ ଯେ ସେ ଠିକ୍ ସମୟରେ ମସ୍‌ଜିଦ୍ ଖୋଲିବେ । ସେଠାରେ ବୃଦ୍ଧ ଲୋକମାନେ ଅଛନ୍ତି, ଯେଉଁମାନେ ନିୟମିତ ଆସିପାରିବେ । ସେମାନଙ୍କୁ କୁହନ୍ତୁ ଯେ ଆସନ୍ତୁ ଏବଂ ମସ୍‌ଜିଦ୍ ଖୋଲନ୍ତୁ । ପ୍ରତ୍ୟେକ ମସ୍‌ଜିଦ୍ ନିମନ୍ତେ ଜଣେ ଜଣେ ଖାଦିମ୍ ମସ୍‌ଜିଦ୍ ନିଯୁକ୍ତି କରନ୍ତୁ, ଯିଏ ମସ୍‌ଜିଦ୍‌କୁ ସଫାସୁତରା ରଖିବେ ଏବଂ ନାମଜ ପଢ଼ିବା ପାଇଁ ସମୟରେ ମସ୍‌ଜିଦ୍‌କୁ ମଧ୍ୟ ଖୋଲିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆପଣ ଜଣେ ଅମୀର୍ ହୋଇଥିବାରୁ ନିଜେ ମଧ୍ୟ ପ୍ରତ୍ୟେକ ଯମାତ୍‌କୁ ଭିଜିଟ୍ କରନ୍ତୁ । ଏବଂ ପ୍ରତ୍ୟେକ ଯାଗାକୁ ଯଆନ୍ତୁ ଏବଂ ନିଜେ ଦେଖନ୍ତୁ ଯେ ମସ୍‌ଜିଦ୍ ଗୁଡିକ ଠିକ୍ ସମୟରେ ଖୋଲାଯାଉଛି କି ନାହିଁ ? ମରିସସ୍‌ର ଅମୀର ସାହେବ୍‌ଙ୍କ ଏହି ସାକ୍ଷାତ୍‌କାର୍ ୧୦:୫୫ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ଅମୀର୍ ସାହେବ୍ ଯମାତ୍ ଅହେମଦୀୟା ୟୁଗାଣ୍ଡା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍ କରିବା ପାଇଁ ସୁଯୋଗ ପାଇଲେ । ଅମୀର୍ ସାହେବ୍ ଆଉ ଅଧିକା ମୁବଲ୍ଲିଗିନ୍ ଓ ମୁଅଲ୍ଲିମିନ୍‌ର ଆବଶ୍ୟକତା ଅଛି ବୋଲି ଜଣାଇଲେ । ଏଥିରେ ହଜୁର ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ-ସ୍ଥାନୀୟ ହିସାବରେ ନିଜର ମୁଅଲ୍ଲିମିନ୍ ପ୍ରସ୍ତୁତ କରାନ୍ତୁ । ଏବଂ ସେମାନଙ୍କ ପାଇଁ ତିନିବର୍ଷୀୟ ପାଠ୍ୟକ୍ରମ ଆରମ୍ଭ କରାନ୍ତୁ ।

ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ- ପାଂଚପାଂଚଟି ମସ୍‌ଜିଦ୍‌ର ନିର୍ମାଣ ନିମନ୍ତେ ଯୋଜନା କରନ୍ତୁ । ଯେତେବେଳେ ଏହି ପାଂଚଟି ସମ୍ପୂର୍ଣ୍ଣ ହୋଇଯିବେ ତେବେ ପୁଣି ଆଗକୁ ଆଉ ପାଂଚୋଟିର ଯୋଜନା କରନ୍ତୁ । ମୁଅଲ୍ଲିମିନ୍‌ଙ୍କ ନିମନ୍ତେ ପ୍ରତ୍ୟେକ ମସ୍‌ଜିଦ୍ ସହିତ ଛୋଟ ଛୋଟ ମିସନ୍ ହାଉସ୍ ମଧ୍ୟ ତିଆରି କରନ୍ତୁ ।

ଅମୀର୍ ସାହେବ୍ ୟୁଗାଣ୍ଡା, ୟୁଗାଣ୍ଡାରେ ଯମାତି ସ୍କୁଲ୍‌ର ଆବଶ୍ୟକତା ରହିଛି ବୋଲି ଜଣାଇଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେକୌଣସି ସ୍କୁଲ୍ ଆପଣମାନେ ଖୋଲିବାକୁ ମଧ୍ୟ ଚାହୁଁଛନ୍ତି ସେଗୁଡିକର ଯୋଜନା ପ୍ରସ୍ତୁତ କରି ମୋ ପାଖକୁ ପଠାନ୍ତୁ ।

ତବ୍‌ଲିଗି ପ୍ରୋଗ୍ରାମ୍ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ କହିଲେ-ଯେଉଁମାନେ ମଧ୍ୟ ଅହେମଦୀ ହେଉଛନ୍ତି ସେମାନଙ୍କର ଇମାନ୍ (ବିଶ୍ୱାସ) ରେ ଦୃଢ଼ତା ରହିବା ଉଚିତ୍ ସେମାନଙ୍କର ତାଲିମ୍ ଓ ତରବିୟତ୍ ନିମନ୍ତେ ସଠିକ୍ ବ୍ୟବସ୍ଥା ହେବା ଉଚିତ୍ ।

ୟୁଗାଣ୍ଡାରେ ଯମାତ୍‌ର ଏକ ବହୁତ ବଡ଼ ଯାଗା ଅଛି, ଯାହାର ନାମ 'ରବ୍‌ଓ୍ୱା' ରଖାଯାଇଛି । ଏହି ଯାଗା ପ୍ରସଙ୍ଗରେ ଅମୀର୍ ସାହେବ୍ କିଛି କଥା ଉପସ୍ଥାପନ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ରବ୍‌ଓ୍ୱା ଯାଗା ସମ୍ବନ୍ଧରେ ଅଲଗା ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରି ପଠାନ୍ତୁ । ତା ପରେ ମୁଁ ବତାଇବି ଯେ କଣ କରିବାକୁ ହେବ । ଅମୀର୍ ସାହେବ୍ ୟୁଗାଣ୍ଡାଙ୍କର ଏହି ସାକ୍ଷାତ୍‌କାର୍ ୧୧:୧୦ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ଅମୀର୍ ଯମାତ୍ ଅହେମଦୀୟା କଙ୍ଗୋ କନ୍‌ସାସା ଯିଏ ପ୍ରଥମେ ବୁର୍କିନାଫାସୋରେ ମୁବଲ୍ଲିଗ୍ ଥିଲେ ଏବଂ ଏବର୍ତମାନ ତାଙ୍କ ନିଯୁକ୍ତି କଙ୍ଗୋ କନ୍‌ସାସାର ଅମୀର୍ ରୂପେ ହୋଇଛି, ସେ ଦଫ୍‌ତରି ସାକ୍ଷାତ୍‌କାର୍‌ର ସୌଭାଗ୍ୟ ହାସଲ କଲେ ସ କଙ୍ଗୋ କନ୍‌ସାସା ଯିବା ପୂର୍ବରୁ ହଜୁର୍‌ଙ୍କଠାରୁ ଉପଦେଶ ଗ୍ରହଣ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସେଠାରେ ଯାଇ ପ୍ରତ୍ୟେକ ଅହେମଦୀମାନଙ୍କ ସହିତ ମିଶନ୍ତୁ । ମୁବଲ୍ଲିଗ୍ ଓ ଯମାତ୍ ମଧ୍ୟରେ ପ୍ରେମ, ସ୍ନେହ ଓ ଭାଇଚାରାର ବନ୍ଧୁତ୍ୱ ସ୍ଥାପନ ହେବା ଉଚିତ୍ । ସେଠାରେ ଯାଇ ସବୁକିଛି ଅନୁଶୀଳନ କରନ୍ତୁ ଓ ସେଠାରେ ସବୁବେଳେ ବିନମ୍ରତା ଆଚରଣ କରି ରୁହନ୍ତୁ । ଏବଂ ଯାହାକିଛି ସମସ୍ୟା ଅଛି ସେଗୁଡିକ ଉପରେ ଅନୁଧ୍ୟାନ କରନ୍ତୁ ଯେ ଏ ସବୁ କାହିଁକି ଉପୁଜୁଛି ଓ ଏହାର କାରଣ କଣ । କାରଣକୁ ଖୋଜି ତାର ନିବାରଣ କରିବା ପାଇଁ ଚେଷ୍ଟା କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେଠାରେ ସମସ୍ତ ମୁବଲ୍ଲିଗିନ୍ ଓ ମୁଅଲ୍ଲିମିନ୍ ମାନଙ୍କ ସହିତ ମିଳନ୍ତୁ । ସେମାନଙ୍କର ମନକୁ ଜିତି ବୁଦ୍ଧିମତାର ସହିତ କାର୍ଯ୍ୟ ନିଅନ୍ତୁ, ଫଳତଃ ସେମାନେ ସବୁ କ୍ଷେତ୍ରରେ ସାହାଯ୍ୟ କରିବେ । ପ୍ରତ୍ୟେକ କାର୍ଯ୍ୟ ଗୋଟିଏ ଟିମ୍ ଓ୍ୱାକ୍ ସହିତ ହେବା ଉଚିତ୍ । ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ସବୁ କାର୍ଯ୍ୟ ସମ୍ପାଦନ ହେବା ଉଚିତ୍ । ମୁବଲ୍ଲିଗିନ୍ ଓ ସ୍ଥାନୀୟ ମୁଅଲ୍ଲିମିନ୍‌ଙ୍କ ସହିତ ମିଟିଂ କରନ୍ତୁ ଏବଂ ସେମାନଙ୍କୁ ବତାନ୍ତୁ ଯେ ଆମେ ସମସ୍ତେ ମିଳିମିଶି ଟିମ୍ ଓ୍ୱାର୍କ୍ କରିବା ।

ହଜୁର୍ ଅନୁଓ୍ୱର୍ ତାଙ୍କୁ ଉପଦେଶ ଦେଇ କହିଲେ:- ପ୍ରଥମେ ସମସ୍ୟା ଗୁଡିକୁ ଦେଖନ୍ତୁ ଯେ କେଉଁଠାରେ କି କି ପ୍ରକାର ସମସ୍ୟା ଅଛି । ସେଗୁଡିକ ବୁଝନ୍ତୁ ପୁଣି ତାକୁ ଦୂର କରିବା ପାଇଁ ଚେଷ୍ଟା କରନ୍ତୁ । ଏହା ନ ଦେଖନ୍ତୁ ଯେ ପ୍ରଥମେ ଲୋକମାନେ କଣ କଣ ଏବଂ କିପରି କାର୍ଯ୍ୟ କରିଛନ୍ତି । ସମସ୍ୟାଗୁଡିକର

ସମାଧାନ ହେବା ହେଉଛି ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ତେଣୁ ସେଗୁଡ଼ିକୁ ଦୃଷ୍ଟିରେ ରଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ସେଠିକାର ଯେଉଁ ଯମାତି ଓ୍ୱହ୍‌ଦାଦାର୍‌ମାନେ ଅଛନ୍ତି ସେମାନଙ୍କର ଅବସ୍ଥା ୟୁରୋପ୍ ବା ଆଫ୍ରିକା ଅନ୍ୟ ଦେଶଗୁଡ଼ିକ ପରି ନୁହେଁ । ଯେତେବେଳେ ସେମାନଙ୍କୁ ଓ୍ୱହ୍‌ଦାଦାର୍ ରୂପେ ବଛାଯାଉଛି ଏବଂ ପୁଣି ସେମାନଙ୍କୁ ଓ୍ୱହ୍‌ଦାରୁ ହଟେଇ ଦିଆଯାଉଛି ତେବେ ସେମାନେ ମୁଖାଲିଫତ୍ (ବିରୁଧାଚରଣ) ଓ ମୋକଦ୍ଦମା ଇତ୍ୟାଦି ଆରମ୍ଭ କରିଦେଉଛନ୍ତି । ତେଣୁ ସେଗୁଡ଼ିକ ଅନୁଧ୍ୟାନ କରନ୍ତୁ ଯେ ଏ ସବୁର ପଛରେ କଣ କାରଣ ଅଛି ଓ ଏହାକୁ କିପରି ଠିକ୍ କରାଯାଇପାରିବ । ଏହି ସମସ୍ତ କଥାଗୁଡ଼ିକ ଅନୁଶୀଳନ କରି ଏହାର ସମାଧାନର ରାସ୍ତା ବାହାର କରନ୍ତୁ । ଆପଣ ନେଜାମ୍‌କୁ ସୁଦୃଢ଼ କରିବେ । ତେଣୁ ଏ ଭାବନା ସମସ୍ତଙ୍କ ମନରେ ରହିବା ଉଚିତ୍ ଯେ ଆପଣ ହେଉଛନ୍ତି ସେମାନଙ୍କର ଶୁଭାକାଂକ୍ଷୀ । ଆପଣ ମା ହୋଇ କାମକରିବେ ଏବଂ ବାପା ହୋଇ ମଧ୍ୟ କାମ କରିବେ, ଭଲ୍ ଆଡ୍‌ମିନ୍‌ଷ୍ଟ୍ରେଟର୍ ବି ହେବେ, ମୁରବୀ ମଧ୍ୟ ହେବେ, ମୁବଲ୍ଲିଗ୍ ମଧ୍ୟ ହେବେ ଓ ଓ୍ୱାକିଫେ ଜିନ୍ଦେଗୀ ହୋଇ ମଧ୍ୟ ରହିବେ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଏହି ଏଲ୍‌ହାମ୍‌କୁ ସବୁବେଳେ ଆଖି ଆଗରେ ରଖିବେ । ''ତେରି ଆଜିଜାନା ରାହେଁ ଉସ୍‌କୁ ପସନ୍ଦ ଆଇଁ'' ସେଠାରେ ଆପଣ ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ପ୍ରେମ ଓ ସ୍ନେହ କରିବେ । ଯଦ୍ୱାରା ସବୁ ପ୍ରକାରର ସମସ୍ୟାର ସମାଧାନ ହୋଇଯିବ ଓ ସବୁକାର୍ଯ୍ୟ ସହଜ ହୋଇଯିବ ।

ହଜୁର ଅନୁଓ୍ୱର୍ ଅ:ବ:ଅ କହିଲେ- ପ୍ରତ୍ୟେକ ମୁରବୀଙ୍କ ସହିତ ଅଲଗା ଅଲଗା ମିଟିଂ ମଧ୍ୟ କରିବାକୁ ହେବ । ପୁଣି ସମସ୍ତଙ୍କର ଏକାଠି ମଧ୍ୟ ମିଟିଂ ରଖିବେ । ମୁବଲ୍ଲିଗିନ୍‌ଙ୍କ ସହିତ ନିଜର ସମସ୍ତ ମିଟିଂର ସାରାଂଶକୁ ସମ୍ମୁଖରେ ରଖିବେ । ପୁଣି ଏହି ପର୍ଯ୍ୟାଲୋକନ ମୁତାବକ ଯୋଜନା କରିବେ ।

ହଜୁର୍ ଅନୁଓ୍ୱର୍ ନିର୍ଦ୍ଦେଶ ଦେଇ ପୁଣି କହିଲେ-ଆମେଲା ସହିତ ମଧ୍ୟ ମିଟିଂ ରଖନ୍ତୁ । ସେମାନଙ୍କର ବିଶ୍ୱାସ ଭାଜନ ହୁଅନ୍ତୁ । ସେମାନଙ୍କୁ ବତାନ୍ତୁ ଯେ କେବଳ ଓ୍ୱହ୍‌ଦାଦାର୍ ହୋଇଯିବା କୌଣସି ବଡ଼ କାମ ନୁହେଁ ବରଂ ଖିଦ୍‌ମତ୍ ନିମନ୍ତେ ସେମାନଙ୍କୁ ଓ୍ୱହ୍‌ଦା ଦିଆଯାଇଛି । ଆମେଲାର ପ୍ରତ୍ୟେକ ସଦସ୍ୟଙ୍କଠାରୁ ସେମାନଙ୍କର ବିଭାଗୀୟ ସ୍କିମ୍‌ଗୁଡ଼ିକ ନିଅନ୍ତୁ ବା ଯଦି ସେମାନଙ୍କର କୌଣସି ଏ ବିଷୟରେ ଧାରଣା ନାହିଁ ତେବେ ସେମାନଙ୍କୁ ଆପଣ ନିଜେ ସ୍କିମ୍ ତିଆରି କରି ଦିଅନ୍ତୁ । ତରବିୟତ୍ ବିଭାଗ ଅଛି, ମାଲର ବିଭାଗ ଅଛି, ତେହ୍‌ରିକ୍ ଯଦିଦ୍, ଓ୍ୱକ୍‌ଫେ ଯଦିଦ୍ ଏହି ସବୁ ବିଭାଗ ଗୁଡ଼ିକର ସ୍କିମ୍ ପ୍ରସ୍ତୁତ ହେବା ଉଚିତ୍ । ପୁଣି ତବ୍‌ଲିଗ୍‌ର ବିଭାଗ ଅଛି । ତବ୍‌ଲିଗ୍‌ର ସ୍କିମ୍ ମଧ୍ୟ ବନାନ୍ତୁ । Pigmies କବିଲାରେ ତବ୍‌ଲିଗ୍ ଆରମ୍ଭ କରନ୍ତୁ । ସେହି ଅଂଚଳରେ ତବ୍‌ଲିଗ୍ କାମକୁ ବଢ଼ାନ୍ତୁ । ସେଠାରେ ପ୍ରାଇମେରି ସ୍କୁଲ ଖୋଲିବା ପାଇଁ ମୁଁ କହିଥିଲି, ତାର ଅନୁଧ୍ୟାନ କରନ୍ତୁ । ଯଦି ସେଠାରେ ହୋଇପାରିବ ତେବେ ପ୍ରାଇମେରି ସ୍କୁଲ୍‌ର ଯୋଜନା ବନାନ୍ତୁ । ଯିବା ପୂର୍ବରୁ ଏଠାରେ ଦଫ୍‌ତର ତବ୍‌ଶିର୍ ରେ କଙ୍ଗୋର ଫାଇଲ୍ ଗୁଡ଼ିକ ମଧ୍ୟ ଦେଖି ନିଅନ୍ତୁ । ଏବଂ ସେଠାରେ ଯେଉଁ ପୂର୍ବତନ ଅମୀର୍ ବା ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ଅଛନ୍ତି ତାଙ୍କ ସହିତ ମଧ୍ୟ ମିଟିଂ କରିନିଅନ୍ତୁ । ଏବଂ ସେଠିକାର ଅବସ୍ଥା ବିଷୟରେ ଜାଣି ନିଅନ୍ତୁ । ତାଙ୍କ ସହିତ ନିଶ୍ଚିତ ରୂପେ ମିଟିଂ କରନ୍ତୁ । କିନ୍ତୁ ଆପଣ ଏଠାରୁ ମୁଣ୍ଡ ଖାଲି କରି ସେଠାକୁ ଯିବାକୁ ହେବ । ତାଙ୍କର ସବୁକଥା ଶୁଣନ୍ତୁ କିନ୍ତୁ ସମସ୍ୟା ଗୁଡ଼ିକର କାରଣ ଓ ସମାଧାନର ବାଟ ନିଜେ ଖୋଜନ୍ତୁ । ପ୍ରୟୋଗ ଆପଣ ନିଜେ ହିଁ କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ସେଠାରେ ଥିବା ସ୍କୁଲ୍ ଗୁଡ଼ିକର ମଧ୍ୟ ଜାଏଜା ନିଅନ୍ତୁ । କ୍ଲିନିକ୍ ଗୁଡ଼ିକର ମଧ୍ୟ ଜାଏଜା ନିଅନ୍ତୁ । ଯଦି ସେଠାରେ ଏ ସବୁ ନିର୍ମାଣ ହୋଇପାରିବ ତେବେ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ସେଠାରେ ମଡେଲ୍ ଭିଲେଜ୍‌ର ପ୍ରୋଗ୍ରାମ୍ ମଧ୍ୟ ତିଆରି ହୋଇଥିଲା । ତାର ଅନୁଧ୍ୟାନ କରି କାମ କରନ୍ତୁ । ସରକାରୀ ଅଫିସିଆଲଙ୍କ ସହିତ ସମ୍ପର୍କ ବନାନ୍ତୁ । ପବ୍ଲିକ୍ ରିଲେସନ୍ (ଲୋକସମ୍ପର୍କ)କୁ ବଢ଼ାନ୍ତୁ । ରାଜନୈତିଜ୍ଞଙ୍କ ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରନ୍ତୁ । ପ୍ରତ୍ୟେକ ସ୍ଥାନରେ ସୋଶିଆଲ୍ ହୋଇ ରୁହନ୍ତୁ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ଏହି ସବୁ ମୋଟାମୋଟି ଉପଦେଶ ଦେଇଦେଲି । ସେଠାରେ ଯାଇ ଜାଏଜା ନିଅନ୍ତୁ ଓ ପୁଣି ନିଜର ରିପୋର୍ଟ ମୋ ପାଖକୁ ପଠାନ୍ତୁ । ତା ମୁତାବକ ଆଗକୁ ଆଉକିଛି ଉପଦେଶ ମିଳିଯିବ ।

ପୁଣି ହଜୁର୍ କହିଲେ ଆପଣ ସବୁବେଳେ ବିନମ୍ରତା ଆଚରଣ କରି ରହିବେ ଓ ନମ୍ର ସ୍ୱଭାବ ଦେଖାଇ କାମ କରିବେ । ଅଫିସର୍ ହୋଇ କାମ କରିବେ ନାହିଁ । ''ବଦ୍‌ତର୍ ବନୋ ହର୍ ଏକ୍ ସେ ଅପନେ ଖୟାଲ୍ ମେଁ'' ଅର୍ଥାତ୍-ନିଜକୁ ସମସ୍ତଙ୍କଠାରୁ ନ୍ୟୁନ ରୂପେ ମଣନ୍ତୁ । ଏହାକୁ ବର୍ତ୍ତମାନ ମନେରଖନ୍ତୁ ଏବଂ ତିନିବର୍ଷ ପରେ ମଧ୍ୟ ମନେରଖିବାକୁ ହେବ ।

ଏହାପରେ କଙ୍ଗୋ କନ୍‌ସାସାର ପୂର୍ବତନ ଅମୀର୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ବର୍ତ୍ତମାନ ଯାହାଙ୍କର ନିଯୁକ୍ତି ମାଲି ଦେଶରେ ହୋଇଛି, ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍‌ର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ଉପଦେଶ ଦେଇ କହିଲେ:- ଆପଣ ପ୍ରଥମେ ଅମୀର୍ ରୂପେ କାମ କରିଛନ୍ତି । ଏବେ ଗରୀବ୍ ହୋଇ କାମ କରିବେ । ଏଥିରେ କିଛି ଫରକ ପଡ଼ିବ ନାହିଁ ଯେ ଅମୀର୍ ଅଛନ୍ତି ବା ନୁହଁନ୍ତି । ଅସଲ କଥା ହେଉଛି ଓ୍ୱାକିଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗକାରୀ) ହେବା । ଆପଣ ଓ୍ୱାକ୍‌ଫେ ଜିନ୍ଦେଗୀ ଅଟନ୍ତି । ତେଣୁ ଓ୍ୱକ୍‌ଫର ରୁହ୍ ନିଜ ଭିତରେ ରଖି ଆପଣ ନିଜର କାମକୁ ଜାରି ରଖନ୍ତୁ । ସର୍ବଦା ବିନମ୍ରତାକୁ ଗ୍ରହଣ କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ଏଲ୍‌ହାମ୍‌ଟିକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ ''ତେରି ଆଜିଜାନା ରାହେଁ ଉସ୍‌କୋ ପସନ୍ଦ ଆଇଁ'' । ମାଲିରେ ଅମୀର୍ ଯମାତ୍‌ଙ୍କର ସମ୍ପୂର୍ଣ୍ଣ ରୂପେ ଇତାଅତ୍ କରନ୍ତୁ । କିଛି ଭଲ ଚିନ୍ତାଧାରା ଯଦି ଅଛି ତେବେ ନିଶ୍ଚିତ ରୂପେ ଦିଅନ୍ତୁ କିନ୍ତୁ ଯେତେବେଳେ ଫଇସଲା ହୋଇଯିବ, ପୁଣି ସମ୍ପୂର୍ଣ୍ଣ ଇତାଅତ୍ ହେବା ଉଚିତ୍ । ବାକି ଅଲ୍ଲାହତାଲା ମାଲିକ ଅଟନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଦେଶର ଅବସ୍ଥା ଯୋଗୁଁ ଯେଉଁ ସବୁ ସମସ୍ୟା ଗୁଡ଼ିକ କଙ୍ଗୋରେ ଅଛି ସେଠାକୁ ଯାଉଥିବା ମୁବଲ୍ଲିଗ୍ ସାହେବ୍‌ଙ୍କୁ ବତାନ୍ତୁ । ଏବଂ ଯେଉଁ ପ୍ରୋଜେକ୍ଟସ୍ ଗୁଡ଼ିକ ଉପରେ କାମ ଚାଲିଛି ତା ବିଷୟରେ ମଧ୍ୟ ତାଙ୍କୁ ଅବଗତ କରାଇଦିଅନ୍ତୁ ।

ଏହାପରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ଗୟାନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଦଫ୍‌ତରି ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ କହିଲେ କି ଭିନେଜିଓ୍ୱେଲା ଦେଶ ଯମାତ୍ ହିସାବରେ ଗୟାନା ଦେଶର ଅନ୍ତର୍ଗତ ଅଛି । ସେଠାକୁ ମୁବଲ୍ଲିଗ୍ ପଠାଇବାକୁ ହେବ । କିନ୍ତୁ ଆଜିକାଲି ଭିନେଜିଓ୍ୱେଲାର ଅବସ୍ଥା ଠିକ୍ ନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଦେଶର ଅବସ୍ଥାତ ସବୁବେଳେ ଖରାପ ରହିବନାହିଁ । କିଛି ସପ୍ତାହପରେ ଯେତେବେଳେ ଠିକ୍ ହୋଇଯିବ ସେତେବେଳେ ଚାଲିଯିବେ କିନ୍ତୁ ମୁବଲ୍ଲିଗ୍‌ଙ୍କୁ ଗୟାନା ପଠାଇ ଦିଅନ୍ତୁ । ସେଠାରେ ଯାଇ ସେ ଆପଣଙ୍କ ସହିତ କାମ କରିବେ ଓ ଟ୍ରେନିଂ ମଧ୍ୟ ହାସଲ କରିବେ । ପୁଣି କିଛି ସମୟ ପରେ ଯେତେବେଳେ ଦେଶର ଅବସ୍ଥା ସୁଧୁରି ଯିବ ସେତେବେଳେ ଗୟାନାରୁ ଭିନେଜ୍‌ଓ୍ୱେଲା ଚାଲିଯିବେ ।

ଏହାପରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଗୟାନା କହିଲେ ଯେ ଗୟାନାର ଗୋଟିଏ ଯମାତ୍ ହେଉଛି ଲିଣ୍ଡନ୍ । ତା ପାଇଁ ମଧ୍ୟ ମୁବଲ୍ଲିଗ୍‌ଙ୍କ ଆବଶ୍ୟକତା ରହିଛି । ସେଠାରେ ମୁବଲ୍ଲିଗ୍‌ଙ୍କର ମଧ୍ୟ ବହୁତ ସୁଯୋଗ ଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରଥମ ଭିନେଜ୍‌ଓ୍ୱେଲା ପାଇଁ ମୁବଲ୍ଲିଗ୍ ପଠାଇବା ପୁଣି ଲିଣ୍ଡନ୍ ପାଇଁ ମଧ୍ୟ କାହାକୁ ପ୍ରସ୍ତୁତ କରିବା । ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯେ ଆମେ ହ୍ୟୁମାନିଟି ଫାର୍ଷ୍ଟ ଅନ୍ତର୍ଗତ ମଧ୍ୟ ଗୟାନା ଦେଶରେ କାମ କରିବା ପାଇଁ ଚାହୁଁଛୁ । ସେଠାରେ କମ୍ପ୍ୟୁଟର୍ ସ୍କୁଲ, ଆଖି ଉପଚାର ଓ ପିଇବା ନିମନ୍ତେ ସଫା ପାଣି ଇତ୍ୟାଦିର ଆବଶ୍ୟକ ରହିଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଠିକ୍ ଅଛି । ମେଡିକାଲ୍ କ୍ୟାମ୍ପସ୍ ଅନୁଷ୍ଠିତ କରନ୍ତୁ । ଏବଂ ଖବରକାଗଜ ଗୁଡ଼ିକରେ ମଧ୍ୟ ରିପୋର୍ଟ ଛପାନ୍ତୁ । ଏହାଦ୍ୱାରା ଇସ୍‌ଲାମ୍‌ର ବାର୍ତ୍ତାଗୁଡ଼ିକ ଲୋକମାନଙ୍କ ନିକଟରେ ପହଂଚିବାର ରାସ୍ତା ମଧ୍ୟ ଖୋଲିଯିବ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ ବୁର୍କିନାଫାସୋର ଉଦାହରଣ ଦେଇ କହିଲେ- ଆମେ ସେଠାରେ ଶହେଟି ଆଖିର ଅପରେସନ୍ କରିବାର ଶୁଭାରମ୍ଭ କରିଥିଲୁ । ଧିରେଧିରେ ଏ ସଂଖ୍ୟା ବଢ଼ି ଚାଲିଲା । ଏବେ ହଜାର ହଜାର ସଂଖ୍ୟାରେ ଅପରେସନ୍ ହେଉଅଛି । ବରଂ ଏବେ ତ ସେଠାରେ ଗୋଟିଏ ଆଖି ଡାକ୍ତରଖାନା ନିର୍ମାଣ କରାଯାଉଛି ।

ସେ ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ନିକଟରୁ ଟି.ଭି ରେ ପ୍ରସାରଣ ହେଉଥିବା ଯମାତି ପ୍ରୋଗ୍ରାମ୍ ବିଷୟ ଗୁଡ଼ିକ ସମ୍ବନ୍ଧରେ ଉପଦେଶ ପାଇବା ପାଇଁ ନିବେଦନ କଲେ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଏହାର ଅନୁଧ୍ୟାନ ଓ ଅନୁଶୀଳନ କରାଯାଏ । ଏପରିକି ବିସ୍କୁଟ୍ ବନାଉଥିବା କମ୍ପାନୀ ମଧ୍ୟ ଏ ଅନୁଧ୍ୟାନ କରୁଛନ୍ତି ଯେ କଣ ଲୋକମାନେ ଆମ ବିସ୍କୁଟ୍ ଗୁଡ଼ିକୁ ପସନ୍ଦ କରିବେ ବା ନକରିବେ । ଏହାପରେ ଯାଇ ସେମାନେ କୌଣସି ପ୍ରଡକ୍ଟ ବନାଉଛନ୍ତି । ସେହିପରି ଆପଣ ମଧ୍ୟ ପ୍ରଥମେ ନିଜ ଦେଶରେ ଅବସ୍ଥା ଓ ଆବଶ୍ୟକତା ଓ ଲୋକମାନଙ୍କ ମିଜାଜ୍‌କୁ ଦେଖି ଅନୁଧ୍ୟାନ କରିବାକୁ ହେବ । ପୁଣି ଯାଇ କୌଣସି ପ୍ରୋଗ୍ରାମ୍ ପ୍ରସ୍ତୁତ କରିବେ ।

ମୁବଲ୍ଲିଗ୍ ସାହେବ୍ କହିଲେ ଯେ ଆମେ 'ମସିହ୍ ହିନ୍ଦୁସ୍ତାନ୍ ମେଁ' ବିଷୟ ଉପରେ ପ୍ରୋଗ୍ରାମ୍ କରିଛୁ । ଏହି ପ୍ରୋଗ୍ରାମ୍‌ରେ ଲୋକମାନେ ଉତ୍ସାହ ଦେଖାଇଛନ୍ତି । ଓ କିଛି ଲୋକେ ମୁଖାଲିଫତ୍ ମଧ୍ୟ କରିଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁ ବିଷୟଗୁଡ଼ିକ ଉପରେ ଲୋକମାନେ ଉତ୍ସାହ ଦେଖାଇଛନ୍ତି ସେଗୁଡ଼ିକୁ ଜାରି ରଖନ୍ତୁ । ପୁଣି କିଛି ଦିନ ପରେ ସେ ବିଷୟଗୁଡ଼ିକୁ ବଦଳାଇ ଦିଅନ୍ତୁ । କାରଣ ଗୋଟିଏ ବିଷୟକୁ ବାରମ୍ବାର ଦେଖିବା ଦ୍ୱାରା ମନ ଭରିଯାଏ । ମୁଖାଲିଫତ୍ ଯୋଗୁଁ ଡରିବେ ନାହିଁ । ବରଂ ହିକ୍‌ମତ୍ (ବୁଦ୍ଧିମତା)ର ସହିତ ବାର୍ତ୍ତା ପହଂଚାନ୍ତୁ । ଏହା ସତ୍ତ୍ୱେ ଯଦି ପୁଣି ମୁଖାଲିଫତ୍ ହୁଏ ତେବେ ଡରନ୍ତୁ ନାହିଁ । ପ୍ରଥମେ ଶିକ୍ଷିତ ଲୋକମାନଙ୍କୁ ଏକତ୍ରିତ କରନ୍ତୁ ଓ ସେମାନଙ୍କୁ ବାର୍ତ୍ତା ପହଂଚାନ୍ତୁ ।

ମୁବଲ୍ଲିଗ୍ ସାହେବ୍ କହିଲେ-ଆମେ କଣ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 22 February 2018 Issue No.8

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

**ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା**

# ସାରା ଯମାତ୍ ଆପୋଷରେ ଏକ ମନ ଓ ଏକ ପ୍ରାଣ ହୋଇ ରହିବା ଉଚିତ୍ ।

ସବୁ ଅହେମଦୀମାନଙ୍କ ସହିତ ମିଶନ୍ତୁ, ମୁବଲିଗ୍ ଓ ମୁଅଲିବ୍ ମାନଙ୍କ ସହିତ ମଧ୍ୟ ସମ୍ପର୍କ ରଖନ୍ତୁ । ସେମାନଙ୍କର ମନକୁ ଜିତିବା ମଧ୍ୟ ଆବଶ୍ୟକ । ସମସ୍ତ କାର୍ଯ୍ୟ ଟିମ୍ ୱାର୍କ୍ ସହିତ ହେବା ଉଚିତ୍ । ମୁବଲିଗ୍ ଓ ଯମାତ୍ ମଧ୍ୟରେ ପ୍ରେମ ଓ ସ୍ନେହର ସମ୍ପର୍କ ସ୍ଥାପନ ହେବା ଉଚିତ୍ । ଆପଣମାନେ ନେଜାମ୍‌କୁ ସୁଦୃଢ଼ କରି ଲୋକମାନଙ୍କ ଭିତରେ ଏପରି ଭାବନା ଜନ୍ମାଇବା ଉଚିତ୍ ଯେ ଆପଣମାନେ ହେଉଛନ୍ତି ସେମାନଙ୍କର ଶୁଭଚିନ୍ତକ । ଆପଣମାନେ ମା' ହୋଇ ବାପା ହୋଇ ମଧ୍ୟ କାମ କରିବା ଉଚିତ୍, ଭଲ ଆଡ୍‌ମିନିଷ୍ଟ୍ରେଟର୍ ମଧ୍ୟ ହେବା ଉଚିତ୍ । ମୁରବୀ ମଧ୍ୟ ହେବେ, ମୁବଲିଗ୍ ମଧ୍ୟ ହେବେ ଓ ୱାକିଫେ ଜିନ୍ଦେଗୀ ରୂପେ ମଧ୍ୟ ରହିବା ଉଚିତ୍ ।

ଯମାତ୍‌ର ସମସ୍ତ ଲୋକଙ୍କୁ ଏମ୍.ଟି.ଏ ସହିତ ଯୋଡ଼ି ଦିଅନ୍ତୁ । ସାରା ଯମାତ୍ ଆପୋଷରେ ଏକମନ ଏକପ୍ରାଣ ହୋଇ ରହିବା ଉଚିତ୍ । ଆପଣମାନେ ନିଜେ ହିଁ ଯମାତ୍ ଭିତରେ ଏକତା ସୃଷ୍ଟି କରାଇବେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ପଂକ୍ତି ଅର୍ଥାତ୍ 'ବଦ୍‌ତର୍ ବନୋ ହର୍ ଏକ୍ ସେ ଅପ୍‌ନେ ଖୟାଲ୍ ମେଁ ' (ନିଜକୁ ସମସ୍ତଙ୍କଠାରୁ ନ୍ୟୁନ ବିବେଚନା କରିବା) ଏବଂ ଏହି ଏଲ୍‌ହାମ୍ ମୁତାବକ 'ତେରି ଆଜିଜାନା ରାହେଁ ଉସ୍‌କୋ ପସନ୍ଦ ଆଇଁ ' ଅର୍ଥାତ୍ ତୋ ବିନମ୍ରତା ତାକୁ (ଅର୍ଥାତ୍ ଖୁଦାଙ୍କୁ) ପସନ୍ଦ ଆସିଲା) । ଏହାକୁ ସର୍ବଦା ନିଜ ସମ୍ମୁଖରେ ରଖନ୍ତୁ ।

ମଜ୍‌ଲିସ୍ ଆମ୍‌ଲାର ମିଟିଂ ହେଉ ବା ଅନ୍ୟ କୌଣସି ଯମାତି ମିଟିଂ ହେଉ, ସେ ଭିତରେ ଯଦି ନମାଜର ସମୟ ଆସିଯାଏ ଓ ମିଟିଂର ଅବଧି ଲମ୍ବା ହୁଏ ତେବେ ସର୍ବପ୍ରଥମେ ନମାଜ ପଢ଼ନ୍ତୁ ପୁଣି ମିଟିଂ ଜାରି ରଖନ୍ତୁ ।

## ମୁବଲ୍ଲିଗିନ୍ କରାମ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅଙ୍କ ମୂଲ୍ୟବାନ୍ ଉପଦେଶ

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**୦୭ ଅଗଷ୍ଟ ୨୦୧୭ ସୋମବାର**

ଜଲ୍‌ସା ସାଲାନା ଅବସରରେ ଯେଉଁଠି ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି ସେଠି ଉକ୍ତ ଦେଶ ଗୁଡିକରୁ ଆସିଥିବା ଉମରାକରାମ୍, ନ୍ୟାସ୍‌ନାଲ୍ ସଦରାନ୍ ଏବଂ ମୁବଲ୍ଲିଗିନ୍ ଇନ୍‌ଚାର୍ଯ୍ ସାହାବାନ୍ ଓ ଅନ୍ୟାନ୍ୟ ଯମାତି ୱହ୍‌ଦାଦାର୍‌ମାନେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଉଛନ୍ତି । ଏବଂ ନିଜର ଏହି ସାକ୍ଷାତ୍‌କାରରେ ଆସନ୍ତା ବର୍ଷ ନିମନ୍ତେ ତବ୍‌ଲିଗି, ତର୍‌ବିୟତି, ମସ୍‌ଜିଦ୍ ନିର୍ମାଣ ଓ ମିସନ୍ ହାଉସ୍‌ର ନିର୍ମାଣ ଇତ୍ୟାଦିର ପ୍ରୋଗ୍ରାମ୍ ନିର୍ଦ୍ଧାରିତ ହୁଏ । ତତ୍‌ସହିତ ନିଜ ଦେଶଗୁଡିକରେ ହେବାକୁ ଥିବା ଅନ୍ୟାନ୍ୟ ଯୋଜନାମୂଳକ କାର୍ଯ୍ୟଗୁଡିକ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସମ୍ମୁଖରେ ଉପସ୍ଥାପନ କରି ହିଦାୟତ୍ ହାସଲ କରାଯାଏ । ଆଜି ମଧ୍ୟ ସେହି ପ୍ରୋଗ୍ରାମ୍ ମୁତାବକ କିଛି ଯମାତି ୱହ୍‌ଦାଦାର୍‌ମାନେ ଓ ମୁବଲ୍ଲିଗ୍‌ମାନେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି (ଅଫିସିଆଲ୍) ସାକ୍ଷାତ୍‌କାର୍ ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସକାଳ ୧୦:୨୫ ମିନିଟ୍‌ରେ ଆରମ୍ଭ ହେଲା ।

ସର୍ବପ୍ରଥମେ ଯମାତ୍ ଅହେମଦୀୟା ମରିସସ୍‌ର ଅମୀର୍ ସାହେବ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସାକ୍ଷାତ୍‌କାର ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ତାଙ୍କୁ ରିସ୍ତାନାତା (ବିଭାଘର ସମ୍ପର୍କୀୟ) ସମ୍ବନ୍ଧରେ ହିଦାୟତ୍ ଦେଇ କହିଲେ:- ଆପଣ ଯୁବକ ପୁଅ ଓ ଯୁବତୀ ଝିଅମାନଙ୍କର ତର୍‌ବିୟତ୍ କରନ୍ତୁ । ଏବଂ ସେମାନଙ୍କ ପାଇଁ ଆପଣଙ୍କର ରିସ୍ତାନାତା ବିଭାଗ ରିସ୍ତା ଖୋଜନ୍ତୁ । ଅହେମଦୀମାନଙ୍କ ଭିତରେ ହିଁ ଆପୋଷରେ ରିସ୍ତା ହେବା ଉଚିତ୍ । ଆଉ ଯେଉଁ ନୂଆ ଅହେମଦୀ ଅଛନ୍ତି ସେମାନଙ୍କର ମଧ୍ୟ ତର୍‌ବିୟତ୍ କରନ୍ତୁ ଯେ ଯଦ୍ୱାରା ସେମାନେ ତାଙ୍କ ପିଲାମାନଙ୍କର ରିସ୍ତା ଅହେମଦୀ ପିଲାଙ୍କ ସହିତ କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ Rose Hill Structure ବିଲ୍‌ଡିଂ ସମ୍ବନ୍ଧରେ ହିଦାୟତ୍ ଦେଇ କହିଲେ ପ୍ରଥମେ ଏହି ବିଲ୍‌ଡିଂର Structure ର ଇଞ୍ଜିନିୟରିଂ ରିପୋର୍ଟ ପଠାନ୍ତୁ ଏବଂ ଏହାର ମୂଳଦୁଆ ଚେକ୍ କରନ୍ତୁ । ପ୍ରଥମେ ଏ ରିପୋର୍ଟ ପଠାନ୍ତୁ, ତା ପରେ କଣ ନିଷ୍ପତି ହେବ ମୁଁ ତାହା ଦେଖିବି ।

ମରିସସ୍‌ର ମୁବଲିଗ୍‌ଙ୍କ ନିଯୁକ୍ତି ଓ ଭିଜା ବଢ଼ାଇବା ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଆପଣମାନେ ନିଜର ଲୋକସମ୍ପର୍କକୁ ବଢ଼ାନ୍ତୁ । ସମ୍ପର୍କ ଏତେ ଭଲ ହେବା ଉଚିତ୍ ଯେ ଫଳତଃ ଭିଜା ଅଧିକରୁ ଅଧିକ ଦିନ ପର୍ଯ୍ୟନ୍ତ ହାସଲ କରାଯାଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯମାତ୍, ତବ୍‌ଲିଗ୍ ଓ ତର୍‌ବିୟତ୍‌ର ଯେଉଁ ସବୁ ପ୍ରୋଗ୍ରାମ୍‌ଗୁଡିକ ପ୍ରସ୍ତୁତ କରୁଅଛି ସେଥିରେ ମୁବଲ୍ଲିଗିନ୍ ମାନଙ୍କୁ ମଧ୍ୟ ସାମିଲ୍ ରହିବା ଉଚିତ୍ । ଗୋଟିଏ ତବ୍‌ଲିଗି କମିଟି ବନାନ୍ତୁ, ଯେଉଁଥିରେ ମୁବଲିଗ୍ ମଧ୍ୟ ସାମିଲ୍ ରହିବେ । ଏବଂ ଏକ ନିୟମିତ ସୁ ସଂଗଠିତ ଯୋଜନା ମୁତାବକ ତବ୍‌ଲିଗ୍ ପ୍ରୋଗ୍ରାମ୍ ବନାନ୍ତୁ । ମିଶିନାରୀ ଇନ୍‌ଚାର୍ଯ୍ ସାହେବ୍ ଏହି କମିଟିର ଚେୟାର୍ (Chair) ହେବେ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁବଲିଗ୍ ଇନ୍‌ଚାର୍ଯ୍ ସାହେବ୍ ଯେବେ ଅମୀର୍ ଯମାତ୍ ସହିତ ମିଶି କୌଣସି ପ୍ରୋଗ୍ରାମ୍ ବନାଇବେ ତେବେ ପୁଣି ଆମେଲାର କୌଣସି ସଦସ୍ୟଙ୍କ କହିବାରେ ଏ ପ୍ରୋଗ୍ରାମ୍‌ରେ କୌଣସି ପରିବର୍ତ୍ତନ ହେବା ଉଚିତ୍ ନୁହେଁ, ଯେବେ ଅମୀର୍ ଫଇସଲା ଦେଇଦେବେ ଯେ ମୁବଲିଗ୍‌ଙ୍କୁ ଏ କାମ କରିବାକୁ ହେବ ବା ଏ ପ୍ରୋଗ୍ରାମ୍ ହେବା ଉଚିତ୍ ବୋଲି ତେବେ ପୁଣି ତା ଉପରେ ଅମଳ ହେବା ଉଚିତ୍ । ମୁବଲ୍ଲିଗିନ୍‌ଙ୍କ କାମ ହେଉଛି ତବ୍‌ଲିଗ୍ ଓ ତର୍‌ବିୟତ୍ କରିବା । ତେଣୁ ଏ ସବୁ କାମ ପାଇଁ ମୁବଲ୍ଲିଗିନ୍‌ଙ୍କୁ ଖୋଲାଖୋଲି କାମ କରିବାକୁ ସୁଯୋଗ ଦେବା

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan